# ବାଲେଶ୍ୱର ଜିଲ୍ଲାରେ ୬୩.୭୭%ରୁ ଅଧିକ ମତଦାନ



**ବାଲେଶ୍ୱର, ୧।୬(ସମିସ):**

୨୦୨୪ ସାଧାରଣ ନିର୍ବାଚନ ପାଇଁ ଆଜି ଥିଲା ଶେଷ ପର୍ଯ୍ୟାୟ ଭୋଟ। ଏହାରି ମଧ୍ୟରେ ୫୭ଜଣ ବିଧାୟକ ପ୍ରାର୍ଥୀ ଏବଂ ୧୧ଜଣ ସାଂସଦ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମରେ ସିଲ ହୋଇଛି। ଆସନ୍ତା ୪ତାରିଖରେ ଗଣତି ପରେ ଫଳାଫଳ ଜଣାପଡ଼ିବ। ତେବେ ଏହି ଶେଷ ପର୍ଯ୍ୟାୟ ମତଦାନ ପାଇଁ ବାଲେଶ୍ୱର ଜିଲ୍ଲାରେ ଗୋଟିଏ ସଂସଦୀୟ କ୍ଷେତ୍ର ସହ ରହିଥିଲା ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ୬୩. ୭୭ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି। ତେବେ ଆଜିର ଏହି ମତଦାନ ପାଇଁ ସମସ୍ତ ନିର୍ବାଚନ ମଣ୍ଡଳୀରେ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଅସହ୍ୟ ଗୁଳିଗୁଳି ଓ ଖରାକୁ ଖାତିର ନ କରି ଲୋକେ ନିଜ ନିଜ ବୁଥରେ ଲମ୍ବା ଧାଡିରେ ଠିଆ ହୋଇ ମତଦାନ କରୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ଚଳିତ ସାଧାରଣ ନିର୍ବାଚନରେ ବାଲେଶ୍ୱର ଜିଲ୍ଲାରେ ଶାନ୍ତି ଶୃଙ୍ଖଳାର ସହ ଆଜି ମତଦାନ ଶେଷ ହୋଇଯାଇଛି। ଜିଲ୍ଲାର୧୯୧୩ ଗୋଟି ବୁଥରେ ସକାଳ ୭ ଟାରୁ ମତଦାନ ଆରମ୍ଭ ହୋଇ ସଂଧ୍ୟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। କେତେକ ସ୍ଥାନରେ ଇଭିଏମ ମେସିନ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ କିଛି ସମୟ ମତଦାନ ବାଧାପ୍ରାପ୍ତ ହୋଇଥିଲା ତେବେ ମୋବାଇଲ ଟେକ୍ନିକାଲ

## • ଇଭିଏମ୍‌ରେ ତ୍ରୁଟି, ବିଳମ୍ବରେ ଆରମ୍ଭ ହେଲା ମତଦାନ

ଏକ୍ସପର୍ଟଙ୍କ ଉପସ୍ଥିତି ଓ ସାମାନ୍ୟ କାର୍ଯ୍ୟ ପରେ ସବୁକିଛି ସ୍ୱାଭାବିକ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ବାଲେଶ୍ୱର ସଂସଦୀୟ କ୍ଷେତ୍ରର ୧୧ଜଣଙ୍କ ସମେତ ୮ଟି ବିଧାନସଭା ଆସନ ପାଇଁ ମୋଟ ୫୭ ଜଣ ପ୍ରାର୍ଥୀ ବିଭିନ୍ନ ସ୍ଥାନରେ ମତଦାନ କରିଛନ୍ତି। ବାଲେଶ୍ୱର ଜିଲ୍ଲାରେ ସର୍ବମୋଟ ୧୮, ୯୨,୮୦୫ ମତଦାତାଙ୍କ ମଧ୍ୟରୁ ୬୩.୦୬ପ୍ରତିଶତ ମତଦାନ ହୋଇଥିଲା। ସମଗ୍ର ଜିଲ୍ଲାରେ ୨୫୯ଟି ଆଦର୍ଶ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିଲା। ସେଥିମଧ୍ୟରୁ କେବଳ ମହିଳା କର୍ମଚାରୀଙ୍କୁ ନେଇ୧୮୯ଟି ସଖୀ ମତଦାନ କେନ୍ଦ୍ର, ୧୬ଟି କେବଳ ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର, ୨୨ଟି ପରିବେଶ ଅନୁକୂଳ କେନ୍ଦ୍ର, ୧୫ଟି ଜାତିଗତ କେନ୍ଦ୍ର ଏବଂ ୧୫ଟି ବିଭିନ୍ନ ସଚେତନ ଧର୍ମୀ ବାର୍ତ୍ତା ଆଧାରିତ ମତଦାନ କେନ୍ଦ୍ର ରହିଥିଲା। ସୁରକ୍ଷା ଦୃଷ୍ଟିରୁ ୨୪୨ଟି ଅତି ସମ୍ବେଦନଶୀଳ ବୁଥ ସମେତ ସମସ୍ତ ମତଦାନ କେନ୍ଦ୍ରରେ୨୨ଟି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ କମ୍ପାନୀ ମୁତୟନ ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥଲା। ୱେବକାଷ୍ଟିଂ ଯୋଗେ୧୫୬ଟି ବୁଥ ଉପରେ ନଜର ରଖାଯାଇଥିଲା। ସକାଳୁ ସକାଳୁ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟରଙ୍କ ବେଶ ଭିଡ ପରିଲକ୍ଷିତ ହୋଇଥିଲା। ବିଶେଷ କରି ନୂତନ ଭାବେ ପଞ୍ଜିକୃତ ହୋଇଥିବା ଯୁବ ଭୋଟରମାନଙ୍କ ମଧ୍ୟରେ ମତଦାନକୁ ନେଇ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ସଂଧ୍ୟା ୬ଟା ସୁଦ୍ଧା ମତଦାନ କେନ୍ଦ୍ରକୁ ପ୍ରବେଶ କରିଥିବା ଭୋଟରମାନେ ହିଁ କେତେକ ସ୍ଥାନରେ ୭ଟା ପର୍ଯ୍ୟନ୍ତ ଭୋଟ ଦେଉଥିବା ଦେଖିବାକୁ ମିଳିଥିଲା। ମତଦାନ ପରେ ଇଭିଏମ ମେସିନ ସମେତ ପୁଲିଂ ପାର୍ଟିଙ୍କୁ କଡ଼ା ସୁରକ୍ଷା ବଳୟରେ ସଦର ମହକୁମାରେ ଅଣାଯାଇ ରିପୋର୍ଟ କରାଯାଇଥିଲା। ବାଲେଶ୍ୱର(୩୮)ରେ ୬୧.୫୩ପ୍ରତିଶତ, ବସ୍ତା (୩୭)ରେ ୬୧.୫୬ପ୍ରତିଶତ, ଭୋଗରାଇ(୩୬) ରେ ୬୬.୦୩ପ୍ରତିଶତ, ଜଳେଶ୍ୱର(୩୫) ରେ ୬୬.୦୩ ପ୍ରତିଶତ, ନୀଳଗିରି(୪୦) ରେ ୬୨.୧୫ ପ୍ରତିଶତ, ରେମୁଣା(୩୯)ରେ ୬୧.୦୯ପ୍ରତିଶତ, ସିମୁଳିଆ(୪୨)ରେ ୬୨.୦୩ ପ୍ରତିଶତ ଏବଂ ସୋର(୪୧)ରେ ୬୨.୨୦ପ୍ରତିଶତ ମତଦାନ ହୋଇଥିଲା। ବିଶେଷ କରି ବିଭିନ୍ନ ବୁଥ ଗୁଡିରେ ଯେଉଁମାନେ ବିକଳାଙ୍ଗ ବ୍ୟକ୍ତି କିମ୍ବା ବୟସ୍କ ଲୋକମାନେ ମତଦାନ କରିବାକୁ ଆସୁଥିଲେ ସେମାନଙ୍କୁ ବୁଥ ମଧ୍ୟରେ ବସାଇବା ସହ ଅଗ୍ରାଧିକାର ଭିତ୍ତିରେ ସେମାନଙ୍କ ମତଦାନ କରାଯାଉଥିଲା। ଏପରିକି ଏହି ନିର୍ବାଚନରେ କିଛି ନୂଆ ଯୁବ ଭୋଟରମାନେ ଅତି ଆଗ୍ରହର ସହ ଭୋଟ ଦେବା ପାଇଁ ଲାଇନରେ ଠିଆ ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା।

# କାଂଶ ଭୋଟଦାନ କେନ୍ଦ୍ରରେ ମତଦାନ କଲେ ଲେଖାଶ୍ରୀ





**ନୀଳଗିରି, ୧।୬ (ସମିସ):** ଗଣତନ୍ତ୍ରର ମହାନ ପର୍ବ ମତଦାନରେ ନିଜର ମତ ସାବ୍ୟସ୍ତ କରିଛନ୍ତି ବାଲେଶ୍ୱର ବିଜେଡି ସାଂସଦ ପ୍ରାର୍ଥିନୀ ଡ. ଲେଖାଶ୍ରୀ ସାମନ୍ତ ସିଂହାର। ନିଜର ଶାଶୂଘର ଗାଁ ମାଟିରେ ପହଞ୍ଚି ନିଜ ସ୍ୱାମୀଙ୍କ ସହିତ କାଂଶ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ୧୫ ନମ୍ବର ବୁଥରେ ଧାଡିରେ ଛିଡା ହୋଇ ନିଜର ମୂଲ୍ୟବାନ ମତଦାନ କରିଛନ୍ତି। ପ୍ରଥମେ ନିଜର ଶ୍ୱଶୁର ଓ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ଯଥୋଚିତ ସମ୍ମାନ ଦେବା ସହ ପ୍ରଣାମ ଜଣାଇ ମତଦାନ ପାଇଁ ଆସି ଧାଡିରେ ଛିଡା ହୋଇ ମତଦାନ କରିଛନ୍ତି। ନିଜେ ଭୋଟ ଦେଇ ଉତ୍ସାହ ଓ ଗର୍ବ ଅନୁଭବ କରିଥିବା ବେଳେ ଶତ ପ୍ରତିଶତ ମତଦାନ କରିବାକୁ ବାଲେଶ୍ୱର ବାସୀଙ୍କୁ ନିବେଦନ କରିଛନ୍ତି ଶ୍ରୀମତୀ ସାମନ୍ତ ସିଂହାର। ସେହିପରି ବିଜେଡି ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ ମଧ୍ୟ ସଂଗ୍ରାମପୁର ପ୍ରାଥମିକ ବିଦ୍ୟାଳୟ ବୁଥ ନମ୍ବର ୧୭ ରେ ଭୋଟ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ସମୟରେ ଲେଖାଶ୍ରୀ ବିଧାୟକ ଶ୍ରୀ ନାୟକଙ୍କ ପାଦ ଛୁଇଁ ଆର୍ଶିବାଦ ନେଇଥିଲେ। ଦୁଇ ପ୍ରାର୍ଥୀ ସମସ୍ତ ବୁଥ ପରିଭ୍ରମଣ କରିଥିଲେ। ଅନୁରୂପ ଭାବେ ବାଲେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଧୋବଶିଳା ପ୍ରାଥମିକ ବିଦ୍ୟାଳୟର ୯୩ ନମ୍ବର ବୁଥରେ ଭୋଟ ଦେବା ସହ ବୁଥର ସ୍ଥିତି ପରଖି ଥିଲେ। ବୟୋଜ୍ୟଷ୍ଠ ମାନଙ୍କୁ ପାଣି ଦେବା ପାଇଁ ଅଧିକାରୀମାନଙ୍କୁ କହିଥିଲେ। ଏହି ଗଣତନ୍ତ୍ରର ପର୍ବ କେବଳ ନେତାଙ୍କର ନୁହେଁ ଏହା ସମଗ୍ର ଜନତାଙ୍କର ବୋଲି କହିବା ସହ ଏଥିରେ ସମସ୍ତେ ସାମିଲ ହୁଅନ୍ତୁ ବୋଲି କହିଥିଲେ। ସେହିପରି ନୀଳଗିରି କଂଗ୍ରେସ ବିଧାୟକ ପ୍ରାର୍ଥୀ ଅକ୍ଷୟ ଆଚାର୍ଯ୍ୟ କାହାଲିଆ ପ୍ରାଥମିକ ବିଦ୍ୟାଳୟର ୯୯ ନମ୍ବର ବୁଥରେ ନିଜର ଭୋଟ ଦେଇଥିଲେ। ବିଜେପି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଜଡିବାଲ ପ୍ରାଥମିକ ବିଦ୍ୟାଳୟର ୭୭ ନମ୍ବର ବୁଥରେ ଭୋଟ ପ୍ରଦାନ କରିଥିଲେ।

# ଭୋଟ ପରେ ବୃଦ୍ଧା ସଂଜ୍ଞାହୀନ

**ପଞ୍ଚଲିଙ୍ଗେଶ୍ୱର, ୧।୬(ସମିସ):** ସ୍ଥାନୀୟ ଈଶ୍ୱରପୁର ସରକାରି ପ୍ରାଥମିକ ବିଦ୍ୟାଳୟ ବୁଥ ନମ୍ବର ୧୫୯ ରେ ସକାଳ ୭ ଘଟିକା ଠାରୁ ମତଦାନ ଦେବା ପାଇଁ ପ୍ରବଳ ଭିଡ଼ ହୋଇଥିବା ବେଳେ କିଛି ବୃଦ୍ଧ ବୃଦ୍ଧା ମଧ୍ୟ ନିଜର ବହୁମୂଲ୍ୟ ଭୋଟ ଦେବାପାଇଁ ଆସିଥିଲେ। ଗ୍ରାମର ଶୋଭାରାଣୀ ମଣ୍ଡୁଆଳ (୬୪) ସ୍ୱାମୀ ଗୋଲକ ବିହାରି ଉକ୍ତ ବୁଥରେ ମତଦାନ ଦେଇ ଘରକୁ ଫେରି ମୂର୍ଚ୍ଛିତ ହୋଇ ପଡ଼ି ଥିବା ବେଳେ ମୁମୂର୍ଷ ଅବସ୍ଥା ରେ ବାଲେଶ୍ୱର ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଶୋଭାରାଣୀଙ୍କ ପୁଅ ଶିବ ଶଙ୍କର ମଣ୍ଡୁଆଳ ଉକ୍ତ କେନ୍ଦ୍ରରେ ପୋଲିଂ ଏଜେଣ୍ଟ ଭାବରେ ନିୟୋଜିତ ଥିବା ବେଳେ ପ୍ରିଜାଇଡିଙ୍ଗ ଅଫିସରଙ୍କ କର୍ତ୍ତବ୍ୟହୀନତା କାରଣରୁ ଏହି ଅଘଟଣ ଘଟିଥିବାର ଅଭିଯୋଗ କରିଛନ୍ତି।




ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାଲୁଙ୍କେଶ୍ୱର ପଣ୍ଡା

ଆବିର୍ଭାବ : ୧୩.୦୫.୧୯୫୨
ତିରୋଧାନ : ୨୮.୦୫.୨୦୨୪
ନଇଗୁଆ, ଅସ୍ତରଙ୍ଗ

ମନେ ପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲ ପାଇବାର ସ୍ମୃତି। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ

# ପରିବାର ସହ ଭୋଟଦେଲେ ଗୌତମବୁଦ୍ଧ



**ବାଲେଶ୍ୱର(ଉତ୍ତର), ୧।୬(ସମିସ):**

ଭୋଗରାଇ (୩୬) ନିର୍ବାଚନ ମଣ୍ଡଳୀ କଖଡା ପଞ୍ଚାୟତର ତଲାଡି ମା ମଙ୍ଗଳା ବିଦ୍ୟାପୀଠ ୧୭୯ ନଂ ବୁଥରେ ସକାଳ ସାତ ଘଟିକା ସମୟରେ ବିଜେଡି ପ୍ରାର୍ଥୀ ଗୌତମ ବୁଦ୍ଧ ଦାସ ତାଙ୍କ ପରିବାର ସହ ମତଦାନ କରିଛନ୍ତି। ମତଦାନ ପରେ ଶ୍ରୀ ଦାସ କହିଛନ୍ତି ସେ ପୂର୍ବରୁ ଅନେକ ଥର ଭୋଟ ଦେଇଥିଲା ବେଳେ ଆଜି ନିଜେ ନିଜ ସପକ୍ଷରେ ମତଦାନ କରିଥିବାରୁ ବହୁତ ଖୁସିଅଛନ୍ତି। ଭୋଗରାଇ ବାସୀ ଦୀର୍ଘ ବର୍ଷ ଧରି ବିଜୁ ଜନତାଦଳ ସପକ୍ଷରେ ଭୋଟ ଦେଇ ଆସୁଥିବା ବେଳେ ଏଥର ମଧ୍ୟ ନବୀନ ପଟନାୟକଙ୍କୁ ପୁଣି ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ମନ ସ୍ଥିର କରିଛନ୍ତି। ତେଣୁ ମୁଁ ମଧ୍ୟ ଆଶାବାଦୀ ଅଛି ମୋତେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବେ। ମୁଁ ଭୋଗରାଇର ସମସ୍ତ ଭାଇ ଭଉଣୀଙ୍କୁ ଅନୁରୋଧ କରୁଛିକି ଗଣତନ୍ତ୍ରର ଏ ମହା ପର୍ବରେ ସାମିଲ ହୋଇ ସମସ୍ତେ ମତଦାନ କରନ୍ତୁ।



# ଭୋଟ ଦେଲେ ସାଂସଦ ଓ ବିଧାୟକ ପ୍ରାର୍ଥୀ











ବାଲେଶ୍ୱର, ୧୮ (ସମିସ): ଶେଷ ପର୍ଯ୍ୟାୟରେ ଓଡ଼ିଶାର ୬ଟି ଲୋକସଭା ଏବଂ ୪୨ଟି ବିଧାନସଭା ଆସନରେ ମତଦାନ ସରିଛି। ଏଥିମଧ୍ୟରେ ବାଲେଶ୍ୱରରେ ଗୋଟିଏ ଲୋକସଭା ଆସନ ଓ ୮ ଟି ବିଧାନସଭା ନିର୍ବାଚନୀ ମଣ୍ଡଳୀର ମଧ୍ୟ ମତଦାନ ଶେଷ ହୋଇଛି। ତେବେ ଗଣତନ୍ତ୍ରର ଏହି ମହାପର୍ବରେ ସାମିଲ ହୋଇଛନ୍ତି ବାଲେଶ୍ୱରର ସମସ୍ତ ପ୍ରାର୍ଥୀ। ବାଲେଶ୍ୱର ବିଜେଡି ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତ ସିଂହାର ନିଜ ଶାଶୂ ଘର ଗାଁ ମାଟିରେ ପହଞ୍ଚି ମତଦାନ କରିଛନ୍ତି। ନିଜ ସ୍ୱାମୀଙ୍କ ସହ ଆସି କାଂଶ ସରକାରୀ ପ୍ରାଥମିକ ବିଦ୍ୟାଳୟ ବୁଥରେ ନିଜର ମୂଲ୍ୟବାନ ମତଦାନ କରିଛନ୍ତି। ସେହିପରି ବାଲେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ନୀଳଗିରି ନିଜ ଗାଁ ମାଟି ଧୋବଶିଳା ବୁଥରେ ମତଦାନ କରିଛନ୍ତି। କଂଗ୍ରେସର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ କରିଛନ୍ତି। ବାଲେଶ୍ୱରର ୮ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ସଦର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ଆଜିମାବାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ କରିଥିବା ବେଳେ ସଦର ବିଜେପିର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତ ଗୋଲାପୋଖରୀସ୍ଥିତ ହାଜିନାସିରୁଦ୍ଦିନ ସ୍କୁଲରେ ମତଦାନ ସାବ୍ୟସ୍ତ କରିଛନ୍ତି। କଂଗ୍ରେସର ସଦର ବିଧାୟକ ପ୍ରାର୍ଥୀ ମୋନାଲିସା ସାମଲ ମାଣିଖମ୍ବ ଉଚ୍ଚ ବିଦ୍ୟାଳୟରେ ନିଜର ମତଦାନ କରିଛନ୍ତି। ସେହିପରି ବସ୍ତା ନିର୍ବାଚନ ମଣ୍ଡଳୀରେ ବସ୍ତା-ବାଲିଆପାଳର ସଂକଳ୍ପକୁ ଆହୁରି ସୁଦୃଢ଼ କରିବାକୁ ଆଜି ବସ୍ତା ବ୍ଲକ ନାଇକୁଡ଼ି ପଞ୍ଚାୟତ ୮୭ ନଂ ବୁଥ ନାଡ଼ବଣୀ ପ୍ରାଥମିକ ବିଦ୍ୟାଳୟରେ ସପରିବାର ସହ ବସ୍ତା ବିଧାୟକ ପ୍ରାର୍ଥୀ ସୁବାସିନୀ ଜେନା ନିଜର ଅଧିକାର ସାବ୍ୟସ୍ତ କରିଛନ୍ତି। ସେହିପରି ବସ୍ତା ନିର୍ବାଚନ ମଣ୍ଡଳୀ ବିଜେପିର ରବୀନ୍ଦ୍ରନାଥ ଅଣ୍ଡିଆ ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତରେ ମତଦାନ କରିଥିବା ବେଳେ କଂଗ୍ରେସର ବିଧାୟକ ପ୍ରାର୍ଥୀ ବିଜନ୍ ନାୟକ ଘଣ୍ଟୁଆ ପଞ୍ଚାୟତର ଧର୍ମଦ୍ୱାର ସ୍କୁଲରେ ମତଦାନ କରିଛନ୍ତି। ବାବା ଚନ୍ଦନେଶ୍ୱରଙ୍କ ଆଶୀର୍ବାଦ ନେଇ ଭୋଗରାଇ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ ନିଜ ଗାଁ ମାମଙ୍ଗଳା ବିଦ୍ୟାପୀଠ, ତଲାଡ଼ି, କଖଡ଼ା ପଞ୍ଚାୟତ ବୁଥ୍‌ରେ ଭୋଟ ଦେଇଛନ୍ତି। ଭୋଗରାଇ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ସତ୍ୟଶିବ ଦାସ ଆରୁହାବୃତି-୧ ନୋଡାଲ ସ୍କୁଲରେ ମତଦାନ କରିଛନ୍ତି। ସେହିପରି ବିଜେପିର ଆଶିଷ ପାତ୍ର ଗୁନାଇ ବସାଣ ପଞ୍ଚାୟତ ଗୋପାଳପୁର ମଇ ବିଦ୍ୟାଳୟରେ ମତଦାନ କରିଛନ୍ତି। ରେମୁଣା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିଦ୍ୟାସ୍ମିତା ମହାଲିକ ହରିସଦା ବିଦ୍ୟାଳୟ ହାତିଆଗଣ୍ଡରେ ନିଜର ମତଦାନ ସାବ୍ୟସ୍ତ କରିଥିବାବେଳେ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ଜେନା ସମଲପୁରରେ ମତଦାନ କରିଛନ୍ତି। ନୀଳଗିରି ବିଜେଡି ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ ସଂଗ୍ରାମପୁର ପ୍ରାଥମିକ ବିଦ୍ୟାଳୟ ବୁଥ ନମ୍ବର ୧୭ରେ ଭୋଟ ପ୍ରଦାନ କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ପ୍ରାର୍ଥୀ ଅକ୍ଷୟ ଆଚାର୍ଯ୍ୟ କାହାଲିଆ ପ୍ରାଥମିକ ବିଦ୍ୟାଳୟରେ ମତଦାନ କରିଥିବାବେଳେ ବିଜେପି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଜଡିବାଲ ପ୍ରାଥମିକ ବିଦ୍ୟାଳୟ ବୁଥରେ ଭୋଟ ପ୍ରଦାନ କରିଥିଲେ। ସେହିପରି ସୋରର ବିଜେଡି ପ୍ରାର୍ଥୀ ମାଧବ ଧଡ଼ା ବାପୁ ନୋଡାଲ ସ୍କୁଲ ୧୦୭ ନମ୍ବର ବୁଥରେ ଭୋଟ ଦେଇଥିଲେ। ସେହିପରି ସୋର କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଧଡ଼ା ନିଜ ବୁଥ ନଟାପଡ଼ା ସ୍କୁଲ ଏବଂ ବିଜେପି ବିଧାୟକ ପ୍ରାର୍ଥୀ ପର୍ଶୁରାମ ଧଡ଼ା ଖଣ୍ଡାସାହି ସରକାର ୟୁପି ସ୍କୁଲରେ ଭୋଟ ଦେଇଛନ୍ତି। ସିମୁଳିଆର ବିଜେଡି ବିଧାୟକ ପ୍ରାର୍ଥୀ ସୁବାସିନୀ ସାହୁ ସୋର ବ୍ଲକ ସୁଜନପୁରରେ ମତଦାନ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଖଇରା ବ୍ଲକ ସାରୁଗାଁ କାକୁଡିଆରେ ମତଦାନ କରିଥିବା ବେଳେ ବିଜେପି ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ସିମୁଳିଆ ବ୍ଲକ କାଞ୍ଚପଡ଼ା ଡିଆଁ ପୁରସ୍ତମପୁରରେ ମତଦାନ କରିଛନ୍ତି। ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ନିଜ ଗାଁ ଖୁଆଡ ସ୍ଥିତ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ୨୭ ନମ୍ବର ବୁଥ୍‌ରେ ମତଦାନ କରିଛନ୍ତି। ସେହିପରି ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ସାନରାଉତପଡ଼ା ପ୍ରାଇମେରୀ ସ୍କୁଲ ଏବଂ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ଦାସ ଥେଙ୍ଗଡିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମତଦାନ ସାବ୍ୟସ୍ତ କରିଛନ୍ତି।

# ଭୋଟ ଦେଲେ ବିଜେପି ମୁଖପାତ୍ର ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ



ଖଇରା, ୧୮ (ସମିସ): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଅଧୀନ ଖଇରା ବ୍ଲକରେ ଗଣତନ୍ତ୍ରର ଏହି ମହାନ୍‌ପର୍ବ ରେ ସାମିଲ ହୋଇଛନ୍ତି ବିଜେପି ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା। ଠାକୁର ଦାସ ୩୫ନମ୍ବର ଗଣ୍ଡିବେଡ ସରକାରୀ ହାଇସ୍କୁଲ ବୁଥରେ ନିଜର ମତଦାନ କରିଥିଲେ। ସେହିଭଳି କାକୁଡିଆ ସରକାରୀ ୟୁପି ସ୍କୁଲର ୧୦ନମ୍ବର ବୁଥରେ ମତଦାନ ସାବ୍ୟସ୍ତ କରିଛନ୍ତି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା।



# ବୁଥ୍‌ରେ ଗଣ୍ଡଗୋଳ, ଥାନାରେ ଅଭିଯୋଗ

ସୋର, ୧୮(ସମିସ): ସୋର ବ୍ଲକ ଅନନ୍ତପୁର ପଞ୍ଚାୟତର ୨୦୯ ନମ୍ବର ବୁଥରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା। ସୋର ବ୍ଲକ ଅଧକ୍ଷା ଅନୁସୂୟା ମଳିକ ବୁଥ ମଧ୍ୟରେ ଚେୟାରରେ ବସି ଭୋଟରଙ୍କୁ ନିଜ ଦଳ ସପକ୍ଷରେ ଭୋଟ ଦେବା ପାଇଁ ଭୋଟରଙ୍କୁ ପ୍ରବର୍ତ୍ତାଇ ଥିଲେ। ଏହି ସମୟରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ନିରୋଦପ୍ରଭା ପଣ୍ଡା ଭୋଟ ଦେବାକୁ ଆସିଥିଲେ। ଶ୍ରୀମତୀ ପଣ୍ଡା ଏହା ଦେଖି ଘୋର ବିରୋଧ କରିଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ଶ୍ରୀମତୀ ମଳିକଙ୍କ ଭାଇ ଏବଂ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ସହିତ ସେମାନେ ତାଙ୍କୁ ବିଭିନ୍ନ ଗାଳିଗୁଲଜ କରିବା ସହିତ ଟଣା ଓଟରା କରିଥିଲେ। ଏ ବାବଦରେ ନିରୋଦପ୍ରଭା ସୋର ତହସିଲଦାର ଏବଂ ଅନନ୍ତପୁର ଫାଣ୍ଡି ଅଧିକାରୀଙ୍କୁ ଜଣାଇବା ସହିତ ବୁଥରେ ଥିବା ଅଧିକାରୀଙ୍କୁ ଏ ବାବଦରେ ସୂଚନା ଦେଇଥିଲେ। ସେଠାରୁ ଆସି ଶ୍ରୀମତୀ ପଣ୍ଡା ସୋର ଥାନାରେ ଲିଖିତ ଅଭିଯୋଗ କରିବାପରେ ଅନ୍ୟ ପକ୍ଷ ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି। ଉଭୟଙ୍କ ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୋରରେ ଶାନ୍ତିପୂର୍ଣ୍ଣ ଭୋଟ ଗ୍ରହଣ

ସୋର, ୧୮ (ସମିସ): ସୋରରେ ଆଜି କେତେକ ବୁଥ୍‌ରେ ଇଭିଏମ୍ ମେସିନ୍ ଖରାପ କାରଣରୁ ମତଦାନ ବିଳମ୍ବିତ ହୋଇଛି। ଆଜି ପ୍ରବଳ ଗରମ ଓ ଗୁଳୁଗୁଳି ସତ୍ତ୍ୱେ ଲୋକମାନେ ଅପରାହ୍ଣରେ ମତଦାନ ସାବ୍ୟସ୍ତ କରିବା ପାଇଁ ବୁଥ୍‌ମାନଙ୍କରେ ପହଞ୍ଚିବା ଫଳରେ ରାତି ପର୍ଯ୍ୟନ୍ତ କେତେକ ବୁଥ୍‌ରେ ଭୋଟ ଗ୍ରହଣ କାର୍ଯ୍ୟ ଚାଲଇଥିବା ଦେଖାଯାଇଛି। ବଡ଼ଖୁରୀ ୮୬ ନମ୍ବର ସଖୀ ବୁଥ୍ ଇଭିଏମ୍ ମେସିନ ତ୍ରୁଟି କାରଣରୁ ଦୀର୍ଘ ୧ ଘଣ୍ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ବନ୍ଦ ରହିଥିଲା। ମାଣତ୍ରି ପଞ୍ଚାୟତ ଦହିପୁର ୪୩ ନମ୍ବର ବୁଥ୍, ନଟାପ?। ୮୭ ନମ୍ବର ବୁଥ୍, ଥାଳା ୧୧୧ ନମ୍ବର ବୁଥ୍, ପୌରପାଳିକା ୮୩ ନମ୍ବର ବୁଥ୍‌ର ଇଭିଏମ୍ ମେସିନ୍ ଖରାପ ଯୋଗୁଁ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କାର୍ଯ୍ୟ ବିଳମ୍ବ ହୋଇଥିଲା। ମାତ୍ର ଏହି ସବୁ ବୁଥ୍‌ରେ ବିଳମ୍ବ ପର୍ଯ୍ୟନ୍ତ ଭୋଟ ଗ୍ରହଣ ପାଇଁ ଲମ୍ବା ଧାଡ଼ି ଲାଗିଥିବା ଦେଖାଯାଇଥିଲା। ଅନନ୍ତପୁରକୁ ଛାଡ଼ି ଦେଲେ ଅନ୍ୟ ସବୁ ବୁଥ୍‌ରେ କାଁ ଭାଁ ଗଣ୍ଡଗୋଳ ହୋଇଥିଲେ ବି ଶାନ୍ତିପୂର୍ଣ୍ଣ ଭାବେ ଭୋଟ୍ ଗ୍ରହଣ କାର୍ଯ୍ୟ ଶେଷ ହେଇଛି। ରାତି ୮ଟା ସୁଦ୍ଧା ସୋର ବ୍ଲକ ଓ ପୌରପାଳିକାରେ ୬୨.୨୦ଧ ମତଦାନ ହୋଇଥିଲା।

# ଶାନ୍ତିପୂର୍ଣ୍ଣ ଭାବେ ସରିଲା ମତଦାନ

ଖଇରା, ୧୮ (ସମିସ): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ କାଁଭାଁ ଘଟଣାକୁ ଛାଡିଦେଲେ ୨୬୯ ବୁଥରେ ମତଦାନ ଶାନ୍ତପୁର୍ଣ୍ଣ ଭାବେ ଶେଷ ହୋଇ ଯାଇଛି। ଖଇରା ବ୍ଲକରେ ୧୦ଟି ବୁଥରେ ଓ ସିମୁଳିଆ ବ୍ଲକର ୧୧ଟି ବୁଥରେ ଇଭିଏମ ରେ ତୃଟି ଯୋଗୁଁ ମତଦାନ ବିଳମ୍ବରେ ଆରମ୍ଭ ହୋଇଥିଲା। ପାଖାପାଖି ୩୦ବୁଥରେ ୬ଟା ପରେ ମଧ୍ୟ ଭୋଟଦେବାକୁ ଲମ୍ବାଧାଡି ଲାଗିଥିବାର ଦେଖିବାକୁ ମିଳିଥିଲା। ଏହି ଅବସରରେ ସ୍କୁଲ ପରିଚାଳନା କମିଟି ତରଫରୁ ମହତୀପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୋଟର ମାନଙ୍କୁ ଆକର୍ଷିତ କରିବାକୁ ବୁଥ୍‌କୁ ଫୁଲ ଓ ରଙ୍ଗୋଲିରେ ସଜା ଯାଇଥିଲା। ସଂଧା ୫ଟା ପର୍ଯ୍ୟନ୍ତ ୬୩ପ୍ରତିଶତ ମତଦାନ ହୋଇଥିବା ଜଣାଯାଇଛି।

# ମତଦାନ ପରେ ଅଂଶୁଘାତରେ ଆକ୍ରାନ୍ତ

ସୋର, ୧୮ (ସମିସ): ସୋର ବ୍ଲକ ସରଶଙ୍ଖ ପଞ୍ଚାୟତ ବଳଦିଆ ଗ୍ରାମର ଜଣେ ମହିଳା ମତଦାନ ପାଇଁ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହେବା ପରେ ଭୋଟ ଦେଇସାରି ବାହାରି ଆସିବା ବେଳେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ସ୍ୱେଚ୍ଛାସେବୀମାନେ ତୁରନ୍ତ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ଗ୍ରାମର ରତ୍ନାକର ସାହୁଙ୍କ ସ୍ତ୍ରୀ ରଶ୍ମିତା ସାହୁ(୩୦) ଭୋଟ ଦେବା ପାଇଁ ଦୀର୍ଘ ସମୟ ଧାଡ଼ରେ ଛିଡ଼ା ହେବା ଯୋଗୁଁ ଅଂଶୁଘାତରେ ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଇଛି।

# ୧୧୨ ବର୍ଷର ବୃଦ୍ଧା ଚାଲି ଚାଲି ଆସି ଭୋଟଦେଲେ

ସୋର, ୧୮ (ସମିସ): ସୋର ବ୍ଲକ ସରଶଙ୍ଖ ପଞ୍ଚାୟତ ବ୍ରାହ୍ମଣସାହି ଗ୍ରାମର ଜଣେ ୧୧୨ ବର୍ଷର ବୃଦ୍ଧା ଅଧ କି.ମି. ରାସ୍ତା ଚାଲିଚାଲି ଆସି ଦୀର୍ଘ ସମୟ ବୁଥ୍ ଆଗରେ ଛିଡ଼ାହୋଇ ଭୋଟ୍ ଦେଇ ଯାଇଥିଲେ। ଏହି ଗ୍ରାମରେ ବୁଦା ବେଓ୍ୱା(୧୧୨) ବାର୍ଦ୍ଧକ୍ୟ ଅକ୍ଷମତାକୁ ଖାତିର ନ କରି ପ୍ରବଳ ଗରମ ଗୁଳୁଗୁଳିରେ ବୁଥରେ ପହଞ୍ଚି ବହୁ ସମୟ ଅପେକ୍ଷା କରି ଭୋଟ ଦେଇ ଫେରିବା ବେଳେ ସେ ନିଜକୁ ଗର୍ବିତ ବୋଲି କହିବା ସହିତ ଖୁବ୍ ଖୁସି ବୋଲି କହିଥିଲେ।



# ମତଦାନ କେନ୍ଦ୍ରରେ ସାମ୍ବାଦିକଙ୍କୁ ଆକ୍ରମଣ ଅଭିଯୋଗ

ଖନ୍ତାପଡ଼ା, ୧୮ (ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ପଥରପେଣ୍ଠ ପଞ୍ଚାୟତ ୨୧୬ ନମ୍ବର ପୁଲିଂ ବୁଥ ବଡ଼ଗାଁ ୟୁଜିଏମଇ ବିଦ୍ୟାଳୟରେ ଆଜି ମତଦାନ ଚାଲୁଥିବା ବେଳେ ଗଣମାଧ୍ୟମର ପ୍ରତିନିଧିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବାର ଅଭିଯୋଗ ହୋଇଛି।

ସୂଚନା ମୁତାବକ ଦୈନିକ ଖବର କାଗଜର 'ସକାଳ' ପ୍ରତିନିଧି ଲୋକନାଥ ପରିଡ଼ା ତାଙ୍କର କାର୍ଯ୍ୟ ସମ୍ପାଦନ କରୁଥିଲେ। ସେହି ସମୟ ରେ ଏହି ଗ୍ରାମର ଇନ୍ଦ୍ରଜିତ ମଳିକ (କୁନି ଛୁଆ) ନାମକ ଯୁବକ ଧାଡିରେ ଛିଡା ହୋଇଥିବା ବ୍ୟକ୍ତିଙ୍କୁ ଅତିକ୍ରମ କରି ଆଗକୁ ଯିବାକୁ ଚେଷ୍ଟା କରୁଥିବା ସମୟରେ ମତଦାତାଙ୍କ ସହିତ ଯୁକ୍ତି ହୋଇଥିଲା। ଏହାକୁ ଦେଖି ପରି 'ସକାଳ'ର ପ୍ରତିନିଧି ଖବର ସଂଗ୍ରହ କରିବା ପାଇଁ ଫଟୋ ଓ ଭିଡିଓ ଉତ୍ତୋଳନ କରୁଥିଲେ। ଏହାକୁ ଜାଣିପାରି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରି ମୋବାଇଲ ଛଡ଼ାଇନେବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହାକୁ ଜାଣିନି ପାରି ପାଖରେ ଥିବା ମତଦାତା ମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ମୋବାଇଲ ଆଣି ସାମ୍ବାଦିକଙ୍କୁ ଫେରାଇଦେଇଥିଲେ। ଉକ୍ତ କାର୍ଯ୍ୟରେ ମୋର ସମ୍ମାନହାନୀ ହୋଇଥିବା ସହିତ ସେଠାରେ ଉପସ୍ଥିତ ଥିବା ପୁଲିସ କର୍ମଚାରୀ ସ୍ଥାନୀୟ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଥିଲା। ଏ ବାବଦରେ ନିକଟରେ କାର୍ଯ୍ୟରତ ଥିବା ଇନିସ୍ପେକ୍ଟର ଲିଙ୍ଗରାଜ ପ୍ରଧାନ ଙ୍କୁ ଲିଖିତ ଅଭିଯୋଗ ଦିଆଯାଇଥିଲା। ମାତ୍ର ଏହା ସୋର ଥାନା ଅଞ୍ଚଳରେ ଯାଉଥିବାରୁ ସୋର ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ରଙ୍କୁ ଅବଗତ କରାଯାଇଥିଲା। ଉକ୍ତ ବ୍ୟକ୍ତିଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସମସ୍ତେ ଆନ୍ଦୋଳନାଠକ ପନ୍ଥା ଗ୍ରହଣ କରିବେ ବୋଲି ଦାବି କରିଛନ୍ତି।

# ବିପୁଳ ମଦ ଜବତ

ସୋର, ୧୮(ସମିସ): ସୋର ଅବକାରୀ ବିଭାଗ ତରଫରୁ ଅଇଁରୀ ଗ୍ରାମର ଏକ ପରିତ୍ୟକ୍ତ ସ୍ଥାନରୁ ବିପୁଳ ପରିମାଣର ବିୟର ଜବତ କରିଥିବା ବେଳେ ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡ଼ିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁ କୌଣସି ସୂତ୍ରରୁ ଖବରପାଇ ସେଠାରେ ଏକ ଟିମ ସହ ଅତର୍କିତ ଭାବେ ଚଢ଼ଉ କରିଥିଲେ। ଚଢ଼ାଉ ସମୟରେ ଏହି ଟିମ୍ ୨୭ ଲିଟର ବିୟର ଜବତ କରିଥିବା ବେଳେ ଅଭିଯୁକ୍ତ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏହି ଚଢ଼ାଉରେ ଏଏସଆଇ ଉର୍ମିଳା ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

# ବିଭିନ୍ନ ସ୍ଥାନରେ ଇଭିଏମ୍‌ରେ ତ୍ରୁଟି, ମତଦାନ ବିଳମ୍ବିତ

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୧୮(ସମିସ): ରାଜ୍ୟରେ ଆଜି ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ଭୋଗରାଇରେ ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି। ଇଭିଏମରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ ହୋଇଥିବା ବେଳେ ୪ତାରିଖ ମଙ୍ଗଳବାର ଫଳାଫଳକୁ ଅପେକ୍ଷା। ତେବେ ବିଭିନ୍ନ ବୁଥ ରେ ଇଭିଏମ ସମସ୍ୟା ପାଇଁ ମତଦାନରେ ବିଳମ୍ବ ହୋଇଥିବା ଜଣାପଡ଼ିଛି। ବାଲେଶ୍ୱର ଜିଲ୍ଲା ୩୬ ବିଧାନସଭା ମଣ୍ଡଳୀ ଭୋଗରାଇର ୫୦ଟି ପଞ୍ଚାୟତରେ ଏଥର ୨୫୩ଟି ବୁଥରେ ୨ଲକ୍ଷ ୩୨ହଜାର ୩୯୯ଜଣ ଭୋଟର ମତଦାନ ସାବ୍ୟସ୍ତ ହେବାକୁ ଥିବା ବେଳେ ସେମାନଙ୍କ ମଧ୍ୟରୁ ୧ଲକ୍ଷ ୧୯ହଜାର ୫୭୯ଜଣ ପୁରୁଷ ଓ ୧ ଲକ୍ଷ୧ ୨ହଜାର ୮୧୫ଜଣ ମହିଳା ତଥା ୫ଜଣ ଅନ୍ୟାନ୍ୟ ଭୋଟର। ଏଠାରେ ସକାଳ ୭ଟାରୁ ମତଦାନ ଅରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ୬୬.୦୩ ପ୍ରତିଶତ ମତଦାନ ହୋଇଥିବା ଜଣା ପଡ଼ିଛି। ତେବେ ଗତ ନିର୍ବାଚନରେ ଭୋଟ ହାର ୭୬.୩୦ରହିଥିବା ବେଳେ ଚଳିତ ଥର ମତଦାନ ହାର କମିଛି। ଏହାଛଡା ସମୁଦାୟ୨୫୩ଟି କେନ୍ଦ୍ର ମଧ୍ୟରୁ ୩୯ଟି କେନ୍ଦ୍ରକୁ ସମ୍ବେଦନଶୀଳ ଓ ଉତ୍ତେଜନା ପ୍ରବଣ ଭାବେ ଚିହ୍ନଟ କରା ଯାଇଥିବାରୁ ସେଠାରେ ଅଧିକ ସଂଖ୍ୟକ ସଶସ୍ତ୍ର ପୁଲିସ ମୁତୟନ କରା ଯାଇଥିଲା। ଏହାଛଡା ଚଳିତ ବର୍ଷ ମଧ୍ୟ ୫ଟି ସଖୀ ବୁଥ, ୭ଟି ଆଦର୍ଶ ବୁଥ ହୋଇ ଥିବା ଜଣା ପଡ଼ିଛି। ସଖୀ ବୁଥରେ ସମସ୍ତ କର୍ମଚାରୀ, ସୁରକ୍ଷା କର୍ମୀ"ମହିଳା ମାନେ ରହିଥିଲେ। ଅପରପକ୍ଷରେ ସମସ୍ତ ବୁଥରେ ପିଇବା ପାଣି, ପଙ୍ଖା, ଟେଣ୍ଟ, ଗୋଟିଏ ଲେଖାଏଁ ଅଟୋ, ହୁଇଲ ଚେୟାର ଆଦିର ବ୍ୟବସ୍ଥା କରାଯାଇଥିଲା। ଗୋଛିଦା ତେଘରି ପଞ୍ଚାୟତ ଅଧୀନ ନଂ ୨୩୧ବୁଥ ରାଣୀବସାଣ ପ୍ରାଥମିକ ବିଦ୍ୟାଳୟରେ ଇଭିଏମ ଖରାପ ପାଇଁ ଅପରାହ୍ନ ୧୨ଟା ପରେ ମତଦାନ ଆରମ୍ଭ ହୋଇଥିଲା। ୨୩୦ନଂ ବୁଥ କୃଷ୍ଣ ନଗରରେ ଇଭିଏମ ଖରାପ ପାଇଁ ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇ ଥିବା ବେଳେ ପୁଣି ଖରାପ ହେବାରୁ ୧୦.୪୦ରୁ ମତଦାନ ହୋଇଥିଲା। ଏହାଛଡା ୨୩୭ନଂ ବୁଥ ବାଉପୁର ପ୍ରାଥମିକ ବିଦ୍ୟାଳୟ, ୨୧୭ନଂ ରଣକୋଠା ଆଦର୍ଶ ମତଦାନ କେନ୍ଦ୍ର, ୨୧୩ନଂ ରଣସିଂହପୁର, ୨୧୪ନଂ ବିଚିତ୍ରପୁର, ୨୩୨ନଂ ଗେଛିଦା ତେଘରି କେନ୍ଦ୍ର ମାନଙ୍କରେ ଇଭିଏମ ସମସ୍ୟା ପାଇଁ ୧ ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା।



## ସରିଲା ଶେଷ ପର୍ଯ୍ୟାୟ ମତଦାନ

# ଗରମ ଗୁଳୁଗୁଳି ସତ୍ତ୍ୱେ ଉତ୍ସାହର ସହ ଭୋଟଦେଲେ



**ବାଲେଶ୍ୱର, ୧।୬(ସମିସ):**

ଶେଷ ପର୍ଯ୍ୟାୟ ମତଦାନରେ 'ଆଇ ଆମ୍ ଏ ପ୍ରାଉଡ୍ ଭୋଟର୍' ଭାବେ ଭୋଟର୍ ମାନେ ଭୋଟ୍ ସାବ୍ୟସ୍ତ କରିବା ପରେ ସେଲଫି ପଏଣ୍ଟରେ ସେଲଫି ନେଇଛନ୍ତି। ବାଲେଶ୍ୱରର ହୋଇଥିବା ବିଭିନ୍ନ ସଖୀ ମତଦାନ କେନ୍ଦ୍ରରେ ଭୋଟର୍ ମାନେ ବେଶ୍ ଖୁସି ଓ ଉତ୍ସାହର ଭୋଟ୍ ଦେଇ ନିଜକୁ ଗର୍ବିତ ମନେ କରିଥିବା କହିଛନ୍ତି। ଶେଷ ପର୍ଯ୍ୟାୟ ମତଦାନରେ ଓଡ଼ିଶାରେ ୬ଟି ଲୋକସଭା ଏବଂ ୪୨ଟି ବିଧାନସଭା ଆସନରେ ମତଦାନ ହୋଇଛି। ଏଥିରେ ବାଲେଶ୍ୱରରେ ମଧ ମତଦାନ ଶେଷ ହୋଇଛି। ଏହି ସାଧାରଣ ନିର୍ବାଚନ ପ୍ରକ୍ରିୟାରେ ମହିଳାମାନେ ମଧ ଦାୟିତ୍ୱ ତୁଲାଇଛନ୍ତି। ପୂର୍ବରୁ ପିଙ୍କ୍ ବୁଥ୍ ଥିବାବେଳେ ବର୍ତ୍ତମାନ ସଖୀ ମତଦାନ କେନ୍ଦ୍ରରେ ନିର୍ବାଚନ ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି ମହିଳା ଅଧିକାରୀ ଓ କର୍ମଚାରୀମାନେ। ତେବେ ଆଜି ଭୋଟରମାନେ ସେମାନଙ୍କ ନେତା ବାଛିବା ନେଇ ବେଶ ଉତ୍ସାହିତ ଥିଲେ। ଏଥିରେ ମହିଳା ଭୋଟରମାନେ ମଧ ଉତ୍ସାହର ସହ ମତଦାନ କେନ୍ଦ୍ରରେ ପହଞ୍ଚି ମତ ସାବ୍ୟସ୍ତ କରିଛନ୍ତି। ଖରା ଓ ଗରମ ଥିବା ସତ୍ତ୍ୱେ ବି ନିଜର ମତଦାନ ଦେଇଛନ୍ତି।




ଶନିବାର ଦିନ ବାଲେଶ୍ୱରରେ ମତଦାନ ସରିଥିବା ବେଳେ ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇଥିଲେ ସମସ୍ତେ। ଏହାରି ଭିତରେ ସଖୀ ବୁଥ୍ ଗୁଡ଼ିକର ଦାୟିତ୍ୱରେ ଥିବା ମହିଳା ନିଜର ଦାୟିତ୍ୱ ତୁଲାଇ ଥିବାବେଳେ ମହିଳା ଭୋଟର୍ ମାନେ ମଧ ଧାଡି କରି ଉତ୍ସାହର ସହ ଭୋଟ୍ ଦେଇଥିବା ଦୃଶ୍ୟ ନଜରକୁ ଆସିଥିଲା। ଏହି ସଖୀ ମତଦାନ କେନ୍ଦ୍ରର ନିର୍ବାଚନ ଦାୟିତ୍ୱ ତୁଲାଇଛନ୍ତି ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ, ଅଧ୍ୟାପିକା ଓ ବ୍ୟାଙ୍କ ମହିଳା କର୍ମଚାରୀ। ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲାର ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବମୋଟ ୮୮୯ଟି ମିଶ୍ରିତ ବୁଥ ରହିଛି। ଏଥିରୁ ୨୫୯ଟି ଆଦର୍ଶ ମତଦାନ କେନ୍ଦ୍ର ନିର୍ଦ୍ଧାରଣ କରାଯାଇଛି ଯେଉଁଥିରେ ସଖୀ ମତଦାନ କେନ୍ଦ୍ର ୧୮୯ଟି, ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର ୧୬ଟି, ପରିବେଶ ଅନୁକୂଳ ମତଦାନ କେନ୍ଦ୍ର ୨୨ଟି, ଜାତିଗତ ମତଦାନ କେନ୍ଦ୍ର ୧୫ଟି ଏବଂ ଅନ୍ୟାନ୍ୟ ଥିମ୍ ଆଧାରିତ ମତଦାନ କେନ୍ଦ୍ର ୧୫ଟି ରହିଥିଲା। ତେବେ ଜିଲ୍ଲାରେ ଥିବା ୧୮୮ ସଖୀ ମତଦାନ କେନ୍ଦ୍ରକୁ ମହିଳାମାନେ ପରିଚାଳନା କରିଥିଲେ। ୧୮୯ ସଖୀ ମତଦାନ କେନ୍ଦ୍ର ମଧ୍ୟରୁ ଜଳେଶ୍?ରରେ ୧୫ଟି, ଭୋଗରାଇରେ ୧୦ଟି, ବସ୍ତାରେ ୨୯ଟି, ରେମୁଣା (ଏସସି)ରେ ୨୪ଟି, ନୀଳଗିରିରେ ୧୪ଟି, ସୋର(ଏସସି) ରେ ୧୯ଟି, ସିମୁଳିଆରେ ୧୭ଟି ଏବଂ ବାଲେଶ୍ୱରରେ ୬୧ ଟି ଖୋଲିଥିଲା। ବାଲେଶ୍ୱରର ବିଭିନ୍ନ ସ୍କୁଲ୍ ଯଥା ଟଉନ ହାଇସ୍କୁଲ, ଜିଲ୍ଲା ସ୍କୁଲ, ସତ୍ୟସାଇ ବିଦ୍ୟା ମନ୍ଦିର, ଆଜିମାବାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଦି ବିଭିନ୍ନ ବିଦ୍ୟାଳୟକୁ ସଖୀ କେନ୍ଦ୍ରରେ ପରିଣତ କରାଯାଇଥିଲା। ସଖୀ ମତଦାନ କେନ୍ଦ୍ର ପାଇଁ ପ୍ରବେଶ ଗେଟ୍ ନିକଟରେ ହୋର୍ଡିଂ ଦିଆଯାଇଥିଲା। ଗୋଟେ ଲେଖାଏଁ ସଖୀ ମତଦାନ କେନ୍ଦ୍ରରେ ୬ ଜଣ ମହିଳା ଦାୟିତ୍?ରେ ଥିଲେ। ପୁଲିସ କର୍ମଚାରୀଙ୍କଠୁ ଆରମ୍ଭ କରି ପ୍ରିଜାଇଡିଂ ଅଫିସର ବି ମହିଳା ରହିଛନ୍ତି। ଏହି ସଖୀ ମତଦାନ କେନ୍ଦ୍ର ତଥା ଭୋଟରଙ୍କ ସୁରକ୍ଷା ଦାୟିତ୍ୱ ମହିଳାମାନେ ବୁଝିଛନ୍ତି। ମହିଳା ପୋଲିଂ କର୍ମଚାରୀମାନଙ୍କ ଦ୍ୱାରା ଏହୀ ମତଦାନ କାର୍ଯ୍ୟ ପରିଚାଳନା କରାଯାଉଛି। ଗଣତନ୍ତ୍ରର ମହାପର୍ବ ନିର୍ବାଚନରେ ବିବାହ ତଥା କୌଣସି ଏକ କାର୍ଯ୍ୟକ୍ରମର ଭ୍ରମ ସୃଷ୍ଟି କରିଛି ଅନେକ ସଖୀ ମତଦାନ କେନ୍ଦ୍ର। କାରଣ ଅନେକ ସଖୀ ମତଦାନ କେନ୍ଦ୍ରରେ ବେଲୁନ୍ ରେ ସଜାଯାଇଥିଲା। ଭୋଟ ଦେବା ପୂର୍ବରୁ ଏବଂ ଭୋଟ୍ ଦେବା ପରେ ମତଦାତାମାନେ ବୁଥ ପରିସରରେ ବୁଲି ଦେଖିବା ସହିତ ସେଲଫି ନେଉଛନ୍ତି। ଏହାବ୍ୟତୀତ କିଛି ଆଦର୍ଶ ମତଦାନ କେନ୍ଦ୍ରରେ ମତଦାତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହିତ ସେମାନେ ମତଦାନ ପାଇଁ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ବୁଥ ପରିସରରେ ଖରାକୁ ନଜରରେ ରଖି ପାନୀୟ ଜଳ ବ୍ୟବସ୍ଥା, ମତଦାତାଙ୍କ ମନୋରଞ୍ଜନ ପାଇଁ ସେଲଫି ବ୍ୟବସ୍ଥା କରାଯାଇଥିଲା।




## ଭୋଟ ଦେଲେନି ଗ୍ରାମବାସୀ




**ସୋର, ୧।୬(ସମିସ):** ସୋର ବ୍ଲକ ଅନନ୍ତପୁର ପଞ୍ଚାୟତରେ ରାସ୍ତା ନାହିଁ ତ ଭୋଟ ନାହିଁ, ଏମିତି ନାରା ଦେଇ ୩ ନମ୍ବର ଏବଂ ୪ ନମ୍ବର ୱାର୍ଡର ୩ ଶହରୁ ଅଧିକ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ଗ୍ରାମବାସୀଙ୍କ ଦାବି ରାସ୍ତା ନ ହେଲେ ଭୋଟ ଦେବେ ନାହିଁ ବୋଲି ଏକ ମାସ ଧରି ପ୍ରତିବାଦ କରିବା ସହ ଜିଲ୍ଲାପାଳ, ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଲିଖିତ ଜଣାଇଥିଲେ ମଧ ପ୍ରଶାସନ କୌଣସି ବ୍ୟବସ୍ଥା କଲେ ନାହିଁ। ତେଣୁ ଚଳିତ ନିର୍ବାଚନରେ ଏହି ଦୁଇଟି ୱାର୍ଡର ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି।

## ୧୦୩ ବର୍ଷୀୟ ବୃଦ୍ଧାଙ୍କ ମତଦାନ

**ଜଳେଶ୍ୱର ବ୍ଲକ, ୧।୬ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସମ୍ପତିଆ ପଞ୍ଚାୟତ ସ୍ଥିତ ଡେମୁରିଆ ଗ୍ରାମର ୧୪୬ ନମ୍ବର ବୁଥ୍‌ରେ ସ୍ୱର୍ଗତ ମଧୁସୂଦନ ପ୍ରଧାନଙ୍କ ୧୦୩ ବର୍ଷୀୟ ପତ୍ନୀ ଅଭୟାରାଣୀ ପ୍ରଧାନ ତାଙ୍କର ମତଦାନ ସାବ୍ୟସ୍ତ କରିଛନ୍ତି। ଗଣତନ୍ତ୍ର ପ୍ରତି ତାଙ୍କର ସମ୍ମାନ ରହିଥିବା ବେଳେ ଦେଶରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେ ତାଙ୍କର ମତଦାନ ରଖି ବହୁତ୍ ଖୁସି ଅଛନ୍ତି ବୋଲି ପ୍ରକାଶ କରିଛନ୍ତି।



## ଜଳେଶ୍ୱରରେ ଶାନ୍ତିପୂର୍ଣ୍ଣ ମତଦାନ

**ରାଇବଣିଆ, ୧।୬(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ୪୯ ଗ୍ରାମ ପଞ୍ଚାୟତର ଓ ମ୍ୟୁନିସିପାଲଟିର ୧୭ ୱାର୍ଡ କୁ ମିଶାଇ ୨୫୨ଟି କେନ୍ଦ୍ରରେ ଭୋଟ ଗ୍ରହଣ ହୋଇଛି। ସମସ୍ତ ଭୋଟ କେନ୍ଦ୍ରରେ ଶାନ୍ତି, ଶୃଙ୍ଖଳାର ସହ ଭୋଟ ଗ୍ରହଣ ହୋଇଥିଲା। ଆରମ୍ଭରୁ କିଛି ଭୋଟ କେନ୍ଦ୍ର ରେ ନିର୍ବାଚନ ଇଭିଏମ ତ୍ରୁଟି ହେବାରୁ ଦୁଇ ଚାରି ଘଣ୍ଟା ବିଳମ୍ବ ରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଆଉ କେତେକ କେନ୍ଦ୍ରରେ ପ୍ରବଳ ଖରା ଓ ପାନୀୟ ଜଳର ବ୍ୟବସ୍ଥା ହୋଇ ନ ଥିବାରୁ ଅସନ୍ତୋଷ ଦେଖାଯାଇଥିଲା। ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ ପାତ୍ର ନିଜ ଗାଁ ଖୁଆଡ ଥିବା ଦୀନକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ୨୭ ନଂ. ବୁଥ୍‌ରେ ଭୋଟ ଦେଇଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ଦାସ ଏବଂ ଭାଜପା ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଦିବ୍ୟକାମ ମହାନ୍ତି, ନିଜନିଜ ବୁଥରେ ଭୋଟ ଦେଇଥିଲେ। ଜଳେଶ୍ୱର ବିଧାନସଭା କ୍ଷେତ୍ରରେ ଶାନ୍ତି, ଶୃଙ୍ଖଳାର ସହ ଭୋଟ ଗ୍ରହଣ ହୋଇଛି। କାଁଭାଁ ଛୋଟ ମୋଟ ଅଶାନ୍ତି ହୋଇଥିଲା ପରେ ପୁଲିସ ଆସିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ବିଭିନ୍ନ ବୁଥ୍‌ରେ ଇଭିଏମ୍ ତ୍ରୁଟି, ମତଦାନ ବିଳମ୍ବିତ







**ବସ୍ତା ବ୍ଲକ, ୧।୬ (ସମିସ):** ଗଣତନ୍ତ୍ରର ମହାପର୍ବ ଶେଷ ପର୍ଯ୍ୟାୟ ମତଦାନ ବସ୍ତା ନିର୍ବାଚନ ମଣ୍ଡଳୀରେ ୨୫୨ ବୁଥ ରେ ମତଦାନ ଶାନ୍ତି ଶୃଙ୍ଖଳାର ସହ ସମାପ୍ତ ହୋଇଛି। ସକାଳ ୭ରୁ ସମସ୍ତ ବୁଥ ରେ ମତଦାନ ଆରମ୍ଭ ହୋଇ ଥିଲା। ମହିଳା ଓ ପୁରୁଷ ଭୋଟର ସହିତ ଯୁବ ଭୋଟର ମାନେ ଉତ୍ସାହ ର ସହିତ ଧାଡ଼ିରେ ଆସି ସେମାନଙ୍କର ପସନ୍ଦର ପ୍ରାର୍ଥୀ ପାଇଁ ନିଜ ନିଜର ମତଦାନ ସାବ୍ୟସ୍ତ କରିଥଲେ। ସମୟ ଗଡ଼ିବା ସହିତ ପ୍ରବଳ ଗରମ ରେ ମଧ ମତଦାନ ଚାଲି ଥିଲା। ଅନେକ ବୁଥ୍‌ରେ ଏଭିଏମ ରେ ତ୍ରୁଟି ପାଇଁ ମତଦାନ ସ୍ଥଗିତ ରହିଥିଲା। ମହିଳା ଭୋଟର ମାନେ ଭୋଟ ଦେଇ ନ ପାରି ଫେରି ଯାଇ ପୁଣି ଅପରାହ୍ନ ରେ ଆସି ଧାଡିରେ ରହି ମତଦାନ ପାଇଁ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ବୁଥ ମାନଙ୍କରେ ଫ୍ୟାନ୍‌ର ବ୍ୟବସ୍ଥା ନଥିବାରୁ ଗରମ ରେ ଭୋଟର ଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଭୋଟ ପାଇ ବୃଦ୍ଧ ବୃଦ୍ଧା ଓ ଅକର୍ମଣ୍ୟ ଭୋଟର ଙ୍କୁ ହ୍ୱିଲ ଚେୟାର ରେ ଆଣି ତାଙ୍କ ପରିବାର ଲୋକେ ଭୋଟ ଦେଉଥିବା ଦେଖିବାକୁ ମିଳିଥିଲା। ଗରମ ଯୋଗୁଁ ବସ୍ତା ବ୍ଲକ ୨୬ ନମ୍ବର ବୁଥର ପୁଲିଂ ଅଧିକାରୀ ଅସୁସ୍ଥ ହୋଇ ପଡ଼ି ହସ୍ପିଟାଲ ରେ ଚିକିତ୍ସା ହୋଇଥିବା ଜଣା ପଡ଼ିଛି। ବିଜେପିର ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଜେଡି ର ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାର, ବିଜେଡିର ବିଧାୟକ ପ୍ରାର୍ଥୀନୀ ସୁବାସିନୀ ଜେନା, ବିଜେପି ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ବସ୍ତାର ବିଭିନ୍ନ ବୁଥ ବୁଲି ଥିବା ଦେଖିବାକୁ ମିଳିଥିଲା।

## ପିକଅପ୍-କଣ୍ଟେନର ଦୁର୍ଘଟଣା; ଦୁଇ ଗୁରୁତର

**ରାଜଘାଟ, ୧।୬ (ସମିସ) :** ଶୁକ୍ରବାର ବିଳମ୍ବିତ ରାତିରେ ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଭେଲୋରା ଛକ ନିକଟରେ ପିକଅପ ଓ କଣ୍ଟେନର ମଧ୍ୟରେ ଦୁର୍ଘଟଣା ଘଟି ଦୁଇ ଗୁରୁତର ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଓଡି ୦୧ଏଏସ୍ ୪୪୮୫ ନମ୍ବର ବିଶିଷ୍ଟ ପିକଅପ୍ ଭ୍ୟାନଟିଏ ଜାତୀୟ ରାଜପଥର ରୁପସାରୁ ରାଜଘାଟ ଅଭିମୁଖେ ଯିବା ସମୟରେ ଭେଲୋରା ଛକ ହମ୍ପସ ନିକଟରେ କ୍ଷିପ୍ର ଗତିରେ ଯିବା ସମୟରେ ପଛରେ ଥିବା କଣ୍ଟେନର (ଏମଏଚ୍ ୧୭ ବିଡି ୩୨୦୫) ଧକ୍କା ଦେଇଥିଲା। ଫଳରେ ପିକଅପର ସମ୍ମୁଖରେ ଥିବା ଏକ ଟ୍ରକର ପଛକୁ ଧକ୍କା ଦେବାରୁ ପିକଅପଟିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ଯାହା ଫଳରେ ପିକଅପର ଚାଳକ ଓ ଖଲାସୀ ଉଭୟେ ଗାଡ଼ି ମଧ୍ୟରେ ଚାପି ହୋଇ ରହିଯାଇଥିଲେ। ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଓ ବସ୍ତା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି କଟର ମେସିନ ସାହାଯ୍ୟ କ୍ୟାବିନକୁ କାଟି ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ବସ୍ତା ଡାକ୍ତରଖାନାକୁ ପଠାଇଥିଲେ। ଖବର ପାଇ ଅମର୍ଦ୍ଦାରୋଡ ଫାଣ୍ଡି ପୁଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଘଟଣାର ଅଧିକ ତଦନ୍ତ ଜାରିରଖିଛି।

## ରାସ୍ତା ଓ ପାନୀୟ ଜଳ ସମସ୍ୟା

# ଭୋଟ ବର୍ଜନ କଲେ ୱାର୍ଡବାସୀ

**ବାଲେଶ୍ୱର/ଚାନ୍ଦିପୁର, ୧।୬(ସମିସ):**




ଚଳିତ ସାଧାରଣ ନିର୍ବାଚନର ଶନିବାର ଥିଲା ଶେଷ ମତଦାନ ଦିବସ। ଦେଶର ଏହି ମହାନ ପର୍ବର ଶେଷ ପର୍ଯ୍ୟାୟରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ମତଦାନ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହିତ ମତଦାନ ଅନୁଷ୍ଠିତ ହେଇଛି। ରେମୁଣା ବିଧାନସଭା ନିର୍ବାଚନ ମଣ୍ଡଳୀ ରଣସାହି ପଞ୍ଚାୟତ ପାଞ୍ଚ ନମ୍ବର ୱାର୍ଡର ମତଦାତା ମାନେ ଏହି ଶେଷ ମତଦାନ ଦିବସରେ ଭୋଟ ବର୍ଜନ ନିଷ୍ପତ୍ତି ନେଇ ନିଜ ଗ୍ରାମରେ ଧାରଣାରେ ବସିଛନ୍ତି। ରଣସାହି ପଞ୍ଚାୟତ ପାଞ୍ଚ ନମ୍ବର ୱାର୍ଡର ତେରୁଗାଁ ଓ ଅଠଳାମାଳ ଗ୍ରାମରେ ବସବାସ କରୁଥିବା ୪୮ ଟି ପରିବାରରେ ମୋଟ ୩୨୦ ମତଦାତା ଅଛନ୍ତି। ଏହି ୱାର୍ଡକୁ ଯାଇଥିବା ରାସ୍ତାର କିଛି ଅଂଶ କଂକ୍ରିଟ ଢଳେଇ ହେଇଛି। ଆଉ କିଛି ଅଂଶ ରାସ୍ତା ନିର୍ମାଣ ହେଇନଥିବାରୁ ଖରାପ ଅବସ୍ଥାରେ ରହିଛି। ସେହିଭଳି ଏହି ପଞ୍ଚାୟତର ଅନ୍ୟାନ୍ୟ ଗ୍ରାମର ପରିବାର ଗୁଡିକୁ ପାଇପ ଲାଇନ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇ ଥିଲାବେଳେ ପାଞ୍ଚ ନମ୍ବର ୱାର୍ଡର ଆଠଳମାଳ ଓ ତେରୁଗାଁ ଗ୍ରାମର ପରିବାର ଗୁଡିକୁ ପାନୀୟ ଜଳ ଯୋଗାଇ ଦିଆଯାଇ ନାହିଁ। ଏହି ଦୁଇଟି ସମସ୍ୟାର ସମାଧାନ କରିବା ପାଇଁ ସମ୍ପୃକ୍ତ ୱାର୍ଡର ଲୋକମାନଙ୍କ ତରଫରୁ ୱାର୍ଡମେମ୍ବର ସତ୍ୟଭାମା ଲେଙ୍କା ବାଲେଶ୍ୱର ସଦର ବିଡ଼ିଓ ଏବଂ ଜିଲ୍ଲାପାଳଙ୍କ ଠାରେ ବାରମ୍ବାର ଦାବି କରିଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହେଇଛି। ନିର୍ବାଚନ ପୂର୍ବରୁ ରାସ୍ତା ନିର୍ମାଣ ଓ ପ୍ରତ୍ୟେକ ପରିବାରକୁ ପାନୀୟ ଜଳ ଯୋଗାଣ କରାନଗଲେ ଭୋଟ ବର୍ଜନ କରିବେ ବୋଲି ମଧ ପ୍ରଶାସନକୁ ଲିଖିତ ଜଣାଇ ଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯିବା ଯୋଗୁଁ ଆଜି ମତଦାନ ଦିବସରେ ୱାର୍ଡମେମ୍ବର ସତ୍ୟଭାମା ଲେଙ୍କା, ଭୀମଚରଣ ମାଝୀ, ଜଗନ୍ନାଥ ଲେଙ୍କା, ଗୋବିନ୍ଦ ଲେଙ୍କା, ବୈକୁଣ୍ଠ ଲେଙ୍କା, ଶ୍ରୀଧର ଲେଙ୍କା, ଦୀନବନ୍ଧୁ ଲେଙ୍କା, ବାସନ୍ତୀ ଲେଙ୍କା ଓ ବାସନ୍ତି ମାଝୀଙ୍କ ନେତୃତ୍ୱରେ ପାଞ୍ଚ ନମ୍ବର ୱାର୍ଡର ୩୨୦ଜଣ ମତଦାତା ଭୋଟ ବର୍ଜନ କରିବା ପୂର୍ବକ ଅଠଳାମାଳ ଗ୍ରାମ ମୁଣ୍ଡରେ ଧାରଣାରେ ବସିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଏହି ୱାର୍ଡର ମତଦାତା ମାନେ ମତଦାନ କରିବାକୁ ଯାଇ ନ ଥିଲାବେଳେ ପ୍ରଶାସନ ପକ୍ଷରୁ ଧାରଣା ସ୍ଥଳକୁ କେହି ଯାଇ ନଥିବା ଜଣାଯାଇଛି। ୱାର୍ଡମେମ୍ବର ସତ୍ୟଭାମା ଭୋଟ ବର୍ଜନ ବାବଦରେ କହିଛନ୍ତି, ଏହି ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଛି। ରାସ୍ତାର ଅବସ୍ଥା ଖରାପ ହେଇଥିବା ଯୋଗୁ ଛୋଟଛୋଟ ପିଲାମାନେ ବର୍ଷା ସମୟରେ ସ୍କୁଲକୁ ପାଠ ପଢ଼ିବା ପାଇଁ ଯାଇପାରୁ ନାହାନ୍ତି। ପଞ୍ଚାୟତର ସବୁ ଗ୍ରାମରେ ପାନୀୟ ଜଳ ଯୋଗାଇ ଦିଆଯାଉ ଥିଲାବେଳେ ଏହି ୱାର୍ଡର ଲୋକମାନେ ପାନୀୟ ଜଳ ପାଉ ନାହାଁନ୍ତି। ତେଣୁ ବାଧହେଇ ଭୋଟ ବର୍ଜନ ନିଷ୍ପତ୍ତି ନେଲୁ ବୋଲି ୱାର୍ଡ ମେମ୍ବର ଲେଙ୍କା କହିଛନ୍ତି।

## ଡ୍ରାଇଭର ଦିବସ ପାଳିତ




**ବାଲେଶ୍ୱର, ୧।୬(ସମିସ):** ଆଜି ସକାଳେ ସହଦେବଖୁଣ୍ଟାସ୍ଥିତ ବସ୍‌ଷ୍ଟାଣ୍ଡ ପରିସରରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ସଂଗଠନର କୋଷାଧକ୍ଷ ଅସୀତ ବରଣ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସଂଗଠନର ସାଧାରଣ ସମ୍ପାଦକ ରାଜକିଶୋର ଲେଙ୍କା ପତାକା ଉତ୍ତୋଳନ କରି ଆଜିର ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ୧୯୭୪ ମସିହା ଜୁନ ମାସ ୧ତାରିଖ ଦିନ ଦେଶରେ ସର୍ବ ପ୍ରଥମେ ଅଖିଳ ଭାରତୀୟ ପରିବହନ ଶ୍ରମିକ ମହାସଂଘ ପ୍ରତିଷ୍ଠା ହୋଇଥିଲା ଏବଂ ଉକ୍ତ ଦିନ ଆମ ରାଜ୍ୟରେ ନିଖିଳ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ଗଠନ କରାଯାଇଥିଲା। ସେହି ଉଦ୍ଦେଶ୍ୟରେ ଆଜିର ଦିନକୁ ଡ୍ରାଇଭର ଦିବସ ଭାବେ ଦେଶରେ ପାଳନ କରାଯାଇଛି। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ସାଥୀ ସୁଶାନ୍ତ ସାହୁ, ସଦସ୍ୟ ଅଚିନ୍ତ ବାରିକ, ଷଡ଼ାନନ ସାହୁ, ନୃସିଂବଳବନ୍ତ ରାୟ, ସାଇଙ୍କିଙ୍କର ନାୟକ, ଲିପୁନ ମାଝୀ ପ୍ରମୁଖ ଯୋଗଦେଇ ଉକ୍ତ ସଭା ରେ ବକ୍ତବ୍ୟ ରଖିଥିଲେ।

# ସରିଲା ନିର୍ବାଚନ; ୧୧୨ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍










- ଅପରାହ୍ନ ୫ଟା ପର୍ଯ୍ୟନ୍ତ ୬୪.୧୭ ପ୍ରତିଶତ ମତଦାନ
- ଯଶିପୁର ବିଧାନସଭା କ୍ଷେତ୍ରରେ ସର୍ବାଧିକ ୭୦.୧୧%
- ବାରିପଦାରେ ସର୍ବନିମ୍ନ ୬୧.୬୦ ପ୍ରତିଶତ
- ଉଦଳା, ସାରସକଣା ଓ ବାରିପଦାର ନିର୍ବାଚନ ମଣ୍ଡଳୀର ୩ଟି ବୁଥରେ ଭୋଟ ବର୍ଜନ

ବାରିପଦା, ୧।୬(ସମିସ): ଶନିବାର ମୟୂରଭଞ୍ଜ ଜିଲ୍ଲାରେ ସାଧାରଣ ନିର୍ବାଚନ ପ୍ରାୟତଃ ଶାନ୍ତିପୂର୍ଣ୍ଣଭାବେ ସମ୍ପନ୍ନ ହୋଇଛି। ମୟୂରଭଞ୍ଜ ଲୋକସଭା ଏବଂ ତା' ଅଧୀନସ୍ଥ ବାରିପଦା, ମୋରଡା, ବାଙ୍ଗିରିପୋଷି, ଉଦଳା, ଯଶିପୁର ଓ ସାରସକଣା ବିଧାନସଭା ନିର୍ବାଚନ ମଣ୍ଡଳୀ ସହିତ ବାଲେଶ୍ୱର ଲୋକସଭା କ୍ଷେତ୍ର ଅଧୀନ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ମିଶାଇ ୮ଟି ନିର୍ବାଚନ ମଣ୍ଡଳୀର ୨୧୨୮ଟି ମତଦାନ କେନ୍ଦ୍ରରେ ମତଦାନ ଶେଷ ହୋଇଛି। ତେବେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ହାର ୬୪.୧୭ ପ୍ରତିଶତ ହୋଇଥିବା ସୂଚନା ମିଳିଛି। ତେବେ ଅନେକ ବୁଥରେ ମତଦାନ ଆରମ୍ଭ ସମୟରେ ଇଭିଏମ ତ୍ରୁଟି ପାଇଁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିବାରୁ ସେହି ସ୍ଥାନରେ ରାତି ୮ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା। ଅପରାହ୍ନ ୫ଟା ପର୍ଯ୍ୟନ୍ତ ମିଳିଥିବା ମତଦାନ ହାର ଅନୁସାରେ ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସର୍ବନିମ୍ନ ୬୧.୬୦ ପ୍ରତିଶତ ହୋଇଥିବା ବେଳେ ଯଶିପୁରରେ ସର୍ବାଧିକ ୭୦.୧୧ ପ୍ରତିଶତ ମତଦାନ ହୋଇଛି। ସେହିପରି ମୋରଡାରେ ୬୩.୧୨ ପ୍ରତିଶତ, ବାଙ୍ଗିରିପୋଷିରେ ୬୪.୨୮ ପ୍ରତିଶତ, ଉଦଳାରେ ୬୫.୭୨ ପ୍ରତିଶତ, ସାରସକଣାରେ ୬୨.୨୦ ପ୍ରତିଶତ, ରାଇରଙ୍ଗପୁରରେ ୬୨.୪୦ପ୍ରତିଶତ ଓ ବଡ଼ସାହିରେ ୬୨.୪୫ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ଶନିବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିବା ବେଳେ ପର୍ଯ୍ୟାୟ କ୍ରମେ ମତଦାନ ହାର ବୃଦ୍ଧି ପାଇଥିଲା। ଗରମ ଗୁଳଗୁଳି ସତ୍ତ୍ୱେ ଭୋଟର ଲମ୍ବା ଲାଇନରେ ଛିଡା ହୋଇ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ। ଭୋଟରଙ୍କ ପାଇଁ ପ୍ରଶାସନ ପକ୍ଷରୁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୋରଡାରେ ସର୍ବାଧିକ ୧୭ଜଣ ଓ ବାଙ୍ଗିରିପୋଷିରେ ୧୬ ଜଣ ପ୍ରାର୍ଥୀ ଥିବାରୁ ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ଦୁଇଟି ଲେଖାଏଁ ଇଭିଏମ ବ୍ୟବହାର ହୋଇଥିଲା। ୮ଟି ନିର୍ବାଚନ ମଣ୍ଡଳୀ ପାଇଁ ୨ହଜାର ୧୨୭ଟି ଏବଂ ଗୋଟିଏ ସହାୟକକାରୀ ବୁଥ ମଧ୍ୟରୁ ୪୨୬ଟି ସଖୀ ବୁଥ, ୬୨୪ଟି ମିଳିତ ବୁଥ, ୯ଟି ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ବୁଥ ଏବଂ ୮୦ଟି ଯୁବ ବୁଥରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଏସ. ସୁଶ୍ରୀ ଏବଂ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଉଦୟ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରେ ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ଜିଲ୍ଲାର ମୋଟ ୧୫୧ଟି ସମ୍ବେଦନଶୀଳ ବୁଥ ଥିବା ବେଳେ ୧୪୧ଟି ଅତି ସମ୍ବେଦନଶୀଳ ବୁଥରେ ୱେବକାଷ୍ଟିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅବାଧ ଓ ମୁକ୍ତ ତଥା ଶାନ୍ତିଶୃଙ୍ଖଳାରେ ମତଦାନ ପାଇଁ ୨୮୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ମତଦାନ ପ୍ରକ୍ରିୟାରେ ୧୫ ହଜାର ୬୪୨ ଜଣ ଅଧିକାରୀ/କର୍ମଚାରୀ ନିୟୋଜିତ ହୋଇଥିଲେ। ତେବେ ସ୍ଥାନୀୟ ରଞ୍ଜଳର ଦାବିକୁ ନେଇ ଉଦଳା ନିର୍ବାଚନମଣ୍ଡଳୀର ବହୁବନ୍ଧ, ସାରସକଣାର କରକଟିଆ ଓ ବାରିପଦା ନିର୍ବାଚନମଣ୍ଡଳୀର ବଡମାମୁଡିଆ ଗ୍ରାମବାସୀ ଭୋଟବର୍ଜନ କରିଥିଲେ। ପ୍ରତ୍ୟେକ ବୁଥରୁ ପୋଲିଂ ପାର୍ଟି ସିଲ ହୋଇଥିବା ଇଭିଏମ, ଭିପାର୍ଟ ସହିତ ସମସ୍ତ ସରଞ୍ଜାମ ଆଣି ଉଦ୍ଦିଷ୍ଟ କେନ୍ଦ୍ରରେ ଦାଖଲ କରୁଛନ୍ତି। ବାରିପଦାରେ ବାରିପଦା, ମୋରଡା, ବାଙ୍ଗିରିପୋଷି ଓ ବଡ଼ସାହି ବିଧାନସଭା କ୍ଷେତ୍ରର ପୋଲିଂ ପାର୍ଟି ସିଲ ହୋଇଥିବା ଇଭିଏମ ଦାଖଲ କରୁଥିବା ବେଳେ ରାଇରଙ୍ଗପୁର ଓ ସାରସକଣା ବିଧାନସଭା କ୍ଷେତ୍ରର ରାଇରଙ୍ଗପୁର, ଉଦଳା ବିଧାନସଭା କ୍ଷେତ୍ରର ଉଦଳା ଓ ଯଶିପୁର ବିଧାନସଭା କ୍ଷେତ୍ରର କରଞ୍ଜିଆରେ ଦାଖଲ କରୁଛନ୍ତି। ଦୂରଦୂରାନ୍ତର ବୁଥର ପୋଲିଂ ପାର୍ଟି କଡା ସୁରକ୍ଷା ବଳୟ ମଧ୍ୟରେ ଆସି ସିଲ୍ ହୋଇଥିବା ଇଭିଏମ ଦାଖଲ ପାଇଁ ମଧ୍ୟରାତ୍ରରେ ଲାଇନରେ ଅପେକ୍ଷା କରିଛନ୍ତି। ତେବେ ମେସିନ ଦାଖଲ ପ୍ରକ୍ରିୟା ରବିବାର ସକାଳେ ଶେଷ ହେବ ବୋଲି ଆଶଙ୍କା କରାଯାଉଛି। ପୃଥକ ଷ୍ଟ୍ରଙ୍ଗରୁମରେ ଇଭିଏମ ଗୁଡିକ ରଖାଯାଉଛି। ଆସନ୍ତା ୪ ତାରିଖରେ ସେଗୁଡିକ ଖୋଲାଯାଇ ଗଣତି ହେବ। ସିଲ୍ଡ ହୋଇଥିବା ଇଭିଏମରେ ୧୧୨ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଝୁଲି ରହିଛି। ୧୧୨ ପ୍ରାର୍ଥୀଙ୍କ ମଧ୍ୟରୁ ବିଭିନ୍ନ ରାଜନୈତିକ ଦଳର ୫୬ଜଣ ପ୍ରାର୍ଥୀ ଥିବା ବେଳେ ୩୬ଜଣ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ମୟୂରଭଞ୍ଜ ଲୋକସଭା ପାଇଁ ୧୩ଜଣ ପ୍ରାର୍ଥୀ ଥିବାବେଳେ ୮ଟି ବିଧାନସଭା ଆସନରେ ୯୯ଜଣ ପ୍ରାର୍ଥୀ ରହିଛନ୍ତି। ତନ୍ମଧ୍ୟରୁ ସାଂସଦ ପ୍ରାର୍ଥୀ ଭାବେ ମନ୍ତ୍ରୀ ସୁଦାମ ମାରାଣ୍ଡି ଥିବାବେଳେ ବିଧାୟକ ନବଚରଣ ମାଝୀ ରହିଛନ୍ତି। ବିଧାନସଭା ପ୍ରାର୍ଥୀ ଭାବେ ବିଧାୟକ ପ୍ରକାଶ ସୋରେନ, ଭାସ୍କର ମଢେଇ, ଗଣେଶରାମ ସିଂ ଖୁଣ୍ଟିଆ, ସନାତନ ବିଜୁଳି ଓ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା ଦେବାଶୀଷ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଭାଦବ ହାଁସଦା ଥିବା ବେଳେ ମନ୍ତ୍ରୀ ସୁଦାମଙ୍କ ପତ୍ନୀ ରଞ୍ଜିତା ମାର୍ଣ୍ଡି, ବିଧାୟକ ରାଜକିଶୋର ଦାସଙ୍କ ପତ୍ନୀ ପ୍ରୀତିନନ୍ଦା କାନୁନଗୋ ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ପତ୍ନୀ ଅନସୂୟା ପାତ୍ରଙ୍କ ଭାଗ୍ୟ ସିଲ୍ ହୋଇଛି। ସେହିପରି ଜେଏମଏମର ରାଜ୍ୟ ଅଧ୍ୟକ୍ଷା ଅଞ୍ଜନୀ ସୋରେନ ଉଭୟ ଲୋକସଭା ଓ ସାରସକଣା ବିଧାନସଭା ଆସନରୁ ନିର୍ବାଚନ ଲଢିଥିବା ବେଳେ ତାଙ୍କର ଭାଗ୍ୟ ମଧ୍ୟ ଇଭିଏମରେ ସିଲ୍ଡ ହୋଇ ରହିଛି।












ସକାଳ THE SAKALA



## ନୀରବି ଗଲା ୬୫ ବର୍ଷର ସଂଘର୍ଷମୟ ଜୀବନ

# ଆଉ କଥା କହିବନି କାଠକଣ୍ଢେଇ













**କେନ୍ଦୁଝର, ୧।୬ (ସମିସ)**

ଯାହାଙ୍କ ହାତ ସ୍ପର୍ଶରେ ନିର୍ଜୀବ କାଠ କଣ୍ଢେଇ ବି କଥା କହୁଥିଲା। ଅଙ୍ଗଭଙ୍ଗୀରେ ନୃତ୍ୟ କରୁଥିଲା, ଅଭିନୟ କରୁଥିଲା, ଦର୍ଶକଙ୍କ ଆଖିରୁ ଲୁହ ବି ଝରାଇ ଦେଉଥିଲା, ଆଉ ମୁହଁରେ ହସ ଫୁଟାଇ ପାରୁଥିଲ; ସେହି କାଠ କଣ୍ଢେଇ ଗୁରୁ ମାଗୁଣି କୁଅଁର ଆଜି ନିଜେ ନୀରବି ଗଲେ। ୬୫ ବର୍ଷର ସଂଘର୍ଷମୟ ଜୀବନରେ ପଡିଗଲା ଯବନିକା। ପୂର୍ବଭଳି ଆଉ ଦେଖିବାକୁ ମିଳିବ ନାହିଁ କାଠି କଣ୍ଢେଇ ନୃତ୍ୟର ଯାଦୁଗରୀ। ଶୁଭିବ ନାହିଁ କଣ୍ଢେଇ ନୃତ୍ୟ ସମୟରେ ଭିନ୍ନ ଭିନ୍ନ ସ୍ୱରର ମନ ମୁଗ୍ଧକର ସଂଳାପ। ସବୁଦିନ ପାଇଁ ନୀରବି ଗଲେ କାଠି କଣ୍ଢେଇର ଯାଦୁଗର ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର।

ଏକ ସଂଘର୍ଷମୟ ଜୀବନରୁ କାଠିକଣ୍ଢେଇର ଅନନ୍ୟ କଳାକାର ହୋଇପାରିଥିଲେ ମାଗୁଣି କୁଅଁର। ଦୀର୍ଘ ୬୫ ବର୍ଷ କାଳ ଏହି ବିଲୁପ୍ତପ୍ରାୟ କଳାକୁ ବଞ୍ଚାଇ ରଖିବା ପାଇଁ ସେ ଜାରି ରଖିଥିଲେ ତାଙ୍କର ସଂଘର୍ଷ। ପରିଣତ ବୟସରେ ମଧ୍ୟ ପ୍ରତ୍ୟହ କରୁଥିଲେ କାଠି କଣ୍ଢେଇ କାମ।

କେନ୍ଦୁଝର ପୁରୁଣା ବଜାର ବୈଦ୍ୟରାଜ ସାହିରେ ଜନ୍ମିତ ମାଗୁଣି କୁଅଁର, ସମସ୍ତଙ୍କ ନିକଟରେ ନନ୍ଦୁ ନାମରେ ପରିଚିତ ଥିଲେ। ପିତାଙ୍କ ନାମ ବୈଷ୍ଣବ ଚରଣ କୁଅଁର। ସେତେବେଳେ କାଠି କଣ୍ଢେଇ ନାଚ ଓଡିଶାର ଲୋକ ନାଟ୍ୟ ହିସାବରେ ବେସ୍ ଆଦୃତ ଥିଲା। ତେଣୁ ଶ୍ରୀ କୁଅଁର ଏଥିରୁ ପ୍ରଭାବିତ ହୋଇ ୧୯ ବର୍ଷ ବୟସରୁ କାଠି କଣ୍ଢେଇ ତିଆରିରେ ମନୋନିବେଶ କରିଥିଲେ। ହାତରେ ପଇସା ନଥିବାରୁ ଜେଜେମା'ଙ୍କ ଠାରୁ ୪ ଟଙ୍କା ନେଇ ଆରମ୍ଭକଲେ କାଠ କଣ୍ଢେଇର କାମ। ୫ ବର୍ଷର ସଂଘର୍ଷ ପରେ ସେ ବାହାରକୁ ବାହାରିଲେ ତାଙ୍କର କଳାକୃତୀ ପ୍ରଦର୍ଶନ ପାଇଁ। ସାଙ୍ଗରେ କେତେକ ଅଖା ବସ୍ତା, କାଠ ବାକ୍ସରେ କଣ୍ଢେଇ ଧରି କେତେବେଳେ କାନ୍ଧରେ ବୋହି ଆଉ କେତେବେଳେ ଶଗଡ଼ ଗାଡ଼ିରେ ଏସବୁକୁ ନେଇ କେନ୍ଦୁଝର ଜିଲ୍ଲାର ଗାଁକୁ ଗାଁ ବୁଲି କଣ୍ଢେଇ ନାଚ ପ୍ରଦର୍ଶନ କଲେ। ରାବଣ ବଧ, ରଘୁ ଅରକ୍ଷିତ ଓ ନୀଳମାଧବ ନାଟକ ତାଙ୍କର ସର୍ବକାଳୀନ ଆଦୃତ ନାଟକ ଭାବେ ପରିଚିତ। ନିଜେ କାଠି କଣ୍ଢେଇ କଳାକୁ ବଞ୍ଚାଇ ରଖିବା ସହ ୧୦ ଜଣ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଆସିଥିଲେ। କେନ୍ଦୁଝର ଜିଲ୍ଲାରେ ମାଗୁଣି ବାବୁଙ୍କର କଣ୍ଢେଇ ନୃତ୍ୟର ଖ୍ୟାତି ବଢିଲା। ଲୋକଙ୍କର ପ୍ରଶଂସା ଏବଂ ଆଦରରେ ପୋତି ହୋଇଗଲେ ସେ। ଧୀରେଧୀରେ ତାଙ୍କ ଖ୍ୟାତି ପରିବ୍ୟାପ୍ତ ହେଲା। ଜିଲ୍ଲା ବାହାରୁ ନିମନ୍ତ୍ରଣ ପାଇ ସେଠାରେ ତାଙ୍କର କଳା ପ୍ରଦର୍ଶନ କଲେ। ଜିଲ୍ଲା ବାହାରେ ମଧ୍ୟ ସୁନାମ ଅର୍ଜିଲେ ଶ୍ରୀ କୁଅଁର। ତାଙ୍କର ଅଦମ୍ୟ ପରିଶ୍ରମ ଚେଷ୍ଟା ଓ ସଂଘର୍ଷ କାରଣରୁ ସାରା ଦେଶରେ ଜଣେ ଅଦ୍ୱିତୀୟ କାଠି କଣ୍ଢେଇର ନିର୍ମାତା, ନୃତ୍ୟକାର ଓ ଅଭିନେତା ଭାବେ ନିଜର ପରିଚୟ ସୃଷ୍ଟିକଲେ। ତାଙ୍କର ଏଭଳି ପ୍ରତିଭାରେ ବିମୋହିତ ହେଲେ ଅନେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ। ବିଭିନ୍ନ ବର୍ଗରୁ ପ୍ରଶଂସାର ସୁଅ ଛୁଟିଲା ତାଙ୍କ ପାଖକୁ। ଅନେକ ଅନୁଷ୍ଠାନ ତାଙ୍କୁ ଏଭଳି କଳାର ଅଧିକାରୀ ହୋଇଥିବାରୁ ପ୍ରଶଂସାପତ୍ର ପ୍ରଦାନ କଲେ। ୧୯୮୪ ମସିହାରେ ତାଙ୍କୁ ଓଡିଶା ସାହିତ୍ୟ ଏକାଡେମୀ ସମ୍ମାନରେ ସମ୍ମାନିତ କରାଗଲା। ୨୦୦୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ତତ୍କାଳୀନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ଦ୍ୱାରା ତାଙ୍କୁ ସମ୍ମାନିତ କରାଗଲା। ୨୦୧୨ ମସିହାର ଓଡିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ପୁରସ୍କାର କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ସମ୍ମାନ ପାଇଲେ। ଆଉ ୨୦୨୩ ମସିହାରେ ମିଳିଲା ପଦ୍ମଶ୍ରୀ ସମ୍ମାନ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ପ୍ରାପ୍ତ ହେଲେ ଏହି ସମ୍ମାନ।





ଅନେକ ସମ୍ମାନ ଓ ପୁରସ୍କାର ଅଧିକାରୀ ନନ୍ଦୁ ମାଷ୍ଟ୍ରେଙ୍କ ମନରେ ଟିକେ ବି ନିଜ କଳା ଓ କୃତୀକୁ ନେଇ ନଥିଲା ଅହଂକାର କି ଗର୍ବ। କେବଳ ଏକ ଲୁପ୍ତପ୍ରାୟ କଳାକୁ ବଞ୍ଚାଇ ରଖିବାକୁ ସେ କରି ଚାଲିଥିଲେ ଅହରହ ସଂଘର୍ଷ। କାଠି କଣ୍ଢେଇକୁ କେବଳ ଏକ କଳା ନୁହେଁ, ବରଂ ତାଙ୍କ ଜୀବନର ଅଙ୍ଗ କରିଦେଇଥିଲେ ସେ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏହି କଳାକୁ ବଞ୍ଚାଇ ରଖିବାକୁ ସଂଘର୍ଷ କରି ଶେଷରେ ନିଜେ ନୀରବି ଗଲେ। ୬୫ ବର୍ଷର ସଂଘର୍ଷରେ ପଡିଲା ଯବନିକା। ଏବେ ମାଗୁଣି କୁଅଁର ଏକ ଇତିହାସ। ଯାହାକୁ ଝୁରିରେ ଆଗାମୀ ପିଢି। ଆଉ ଜାଣିଲେ ଜଣେ କଳାକାରଙ୍କ ସଂଘର୍ଷମୟ କାହାଣୀ।

● ପ୍ରଶାସନ ପକ୍ଷରୁ ଦିଆଗଲା ଗାର୍ଡ ଅଫ୍ ଅନର୍

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଦ୍ମଶ୍ରୀଙ୍କ ଶେଷକୃତ୍ୟ





**କେନ୍ଦୁଝର,୧।୬(ସମିସ):** କେନ୍ଦୁଝରର ଗର୍ବ ଓ ଗୌରବ ବିଶିଷ୍ଟ କଣ୍ଢେଇ ନୃତ୍ୟଗୁରୁ ମାଗୁଣି ଚରଣ କୁଅଁରଙ୍କ ବିୟୋଗ ପରେ ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ଦୀର୍ଘ ବର୍ଷ ଧରି କଣ୍ଢେଇ ନୃତ୍ୟ ପରିବେଷଣ କରି ସ୍ୱର୍ଗତ କୁଅଁର ଏହି ଲୁପ୍ତପ୍ରାୟ ଲୋକକଳାର ବ୍ୟାପକ ପ୍ରଚାର ପ୍ରସାର କରି ଲୋକଙ୍କ ପାଖରେ ବେଶ ଆଦୃତି ଲାଭ କରିଥିଲେ। ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ସ୍ୱର୍ଗତ କୁଅଁରଙ୍କ ପରଲୋକ ଗମନ ଖବର ପ୍ରାପ୍ତ ହେଲା ପରେ ଜିଲ୍ଲାପାଳ ବିଶାଲ ସିଂହ ଗଭୀର ଶୋକବ୍ୟକ୍ତ କରିଛନ୍ତି। ନିର୍ଜୀବ କାଠ ନିର୍ମିତ କଣ୍ଢେଇକୁ ନିଜ ଯାଦୁଗରୀ କଳା ନୈପୁଣ୍ୟତା ମାଧ୍ୟମରେ ଜୀବନ୍ତ କରି ଏହି କଳାକୁ ବିଶ୍ୱବିଦିତ କରି ପାରିଥିବା ସ୍ୱର୍ଗତ କୁଅଁରଙ୍କ ବିୟୋଗ କେନ୍ଦୁଝର ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ନିଜ ଶୋକବାର୍ତ୍ତାରେ ଶ୍ରୀ ସିଂହ ପ୍ରକାଶ କରିଛନ୍ତି। ଏହାସହିତ ସେ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଜିଲ୍ଲାପାଳ ଶ୍ରୀ ସିଂହଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ସ୍ୱର୍ଗତ କୁଅଁରଙ୍କ ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମ୍ମାନ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ, ଡେପୁଟି କଲେକ୍ଟର ସୁଶ୍ରୀ ରୁପାଲି ହାଁସଦା, ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଜିଲ୍ଲା ପର୍ଯ୍ୟଟନ ଓ ସଂସ୍କୃତି ଅଧିକାରୀ ରମେଶ ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ମହାନ୍ତ ଓ ଋଷିକାନ୍ତ ମହାନ୍ତ ପ୍ରମୁଖ ଶ୍ମଶାନରେ ଉପସ୍ଥିତ ରହିଥିଲେ। ପୁଲିସ ପକ୍ଷରୁ ଗାଡର୍ ଅଫ ଅନର ପ୍ରଦାନ କରାଯାଇଥିଲା।

ସୂଚନାଥାଉ କି ସ୍ୱର୍ଗତ କୁଅଁରଙ୍କ ମୃତ୍ୟୁ ଖବର ପାଇ ମୁଖ୍ୟମନ୍ତ୍ରୀ ଗଭୀର ଶୋକବ୍ୟକ୍ତ କରିବା ସହ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଆନନ୍ଦପୁର ଅଞ୍ଚଳରେ ଶୋକ

**ଆନନ୍ଦପୁର,୧।୬(ସମିସ):** ପ୍ରଖ୍ୟାତ କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି କୁଅଁରଙ୍କ ବିୟୋଗରେ ଆଜି ଆନନ୍ଦପୁରର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଏହି ଯଶସ୍ୱୀ ବ୍ୟକ୍ତି ତଥା କାଠ କଣ୍ଢେଇ ନାଚର ଅନନ୍ୟ ପ୍ରତିଭା, ବହୁ ସମ୍ମାନର ଅଧିକାରୀ, ଓଡିଶା କଳାଜଗତର ଗର୍ବ ଗୌରବ କେନ୍ଦୁଝର ନିବାସୀ ସ୍ୱର୍ଗତ କୁଅଁର ଆଜକୁ କିଛି ଦିନ ଧରି ବାର୍ଦ୍ଧକ୍ୟଜନୀତ ଅସୁସ୍ଥ ହୋଇପଡିଥିଲେ। ଆଜି ତାଙ୍କ ବିୟୋଗ ଖବର ଜଣାପଡିବା ପରେ ଆନନ୍ଦପୁର ନୃସିଂହ ନାରାୟଣ ରାସପାର୍ଟି ପକ୍ଷରୁ ଦୁଃଖ ପ୍ରକାଶ ପାଇଛି। ତାଙ୍କ ବିୟୋଗରେ ଶ୍ରୀନୃସିଂହନାରାୟଣ ରାସପାର୍ଟି କମିଟି ପକ୍ଷରୁ ଉପଦେଷ୍ଟା ନାରାୟଣ ଶା,



ସଭାପତି ରମାକାନ୍ତ ନାୟକ, ଉପସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ମଦନ ପାଣି, ନୃତ୍ୟ ଓ ସଂଗୀତ କଳାକାର ମନୋରଞ୍ଜନ ମହାପାତ୍ର, ମଦନ ମୋହନ କୁଣ୍ଡୁ, ସତ୍ୟବ୍ରତ ରାମ, ପଦ୍ମନାଭ ପାତ୍ର, ଶୁଭାଶିଷ ପାଢୀ, ପ୍ରତାପ ରାମ୍, ରବିନ୍ଦ୍ର ବାରିକ, ଦେବେନ୍ ଦାଶ, ଗୌରାଙ୍ଗ ଚରଣ ବେହେରା, ଅସିତ କୁମାର ନାୟକ ପ୍ରମୁଖ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ସେ ଜଣେ କାଠ କଣ୍ଢେଇ ନୃତ୍ୟର ଅନନ୍ୟ ପ୍ରତିଭା ଭାବେ ବିଭିନ୍ନ ଅଞ୍ଚଳରେ ଅଭିନୟ କରାଇ ଦର୍ଶକମାନଙ୍କୁ ମୁଗ୍ଧ କରୁଥିଲେ।

## ଅଟୋ-ବାଇକ୍ ଧକ୍କାରେ ଜଣେ ଗୁରୁତର

**ତେଲକୋଇ, ୧।୬ (ସମିସ):** ତେଲକୋଇ ବଜାର ସନ୍ନିକଟ ବିଜୁ ପଟ୍ଟନାୟକ ଛକରେ ଅଟୋ ବାଇକ୍ ମୁହାମୁହିଁ ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ଦେଉଳଡିହା ଗ୍ରାମର ହୃଷୀକେଶ ପାତ୍ର (୨୭)। ଏହା ସହିତ ବାଇକରେ ଥିବା ଅନ୍ୟ ଦୁଇ ଜଣ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ସମସ୍ତଙ୍କୁ ଉଦ୍ଧାର କରାଯାଇ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ହୃଷୀକେଶଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ସୂଚନା ମୁତାବକ ହୃଷୀକେଶ ନିଜ ବାଇକ୍ ଯୋଗେ ପେଟ୍ରୋଲ ପମ୍ପକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅଟୋ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହୃଷୀକେଶ ଗୋଲାବନ୍ଧ ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

## ଡାକ୍ତର ଅନିଲ ଦାଶ ବାଲେଶ୍ୱର ମଣ୍ଡଳ ଆୟୁର୍ବେଦ ଚିକିତ୍ସାଧିକାରୀ ନିଯୁକ୍ତ



**ଭଦ୍ରକ,୧।୬(ସମିସ):** ଡାକ୍ତର ଅନିଲ କୁମାର ଦାଶ ବାଲେଶ୍ୱର ମଣ୍ଡଳ ଅର୍ଥାତ୍ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଚିକିତ୍ସାଧିକାରୀ (ଡିଏଏମ୍‌ଓ) ଭାବେ ଡାକ୍ତର ପ୍ରଶାନ୍ତ କୁମାର ନନ୍ଦଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଡା. ଦାଶ ଭଦ୍ରକ ଜିଲ୍ଲା ତିହିଡି ଗ୍ରାମରେ ଜନ୍ମଲାଭ କରି ଅଧୁନା ଭଦ୍ରକ ଜିଲ୍ଲା ବହୁଦରଡ଼ା ଗାଁ ସ୍ଥିତ ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଚିକିତ୍ସକ ଭାବେ କାର୍ଯ୍ୟରତ ଅଛନ୍ତି। ସେ ଏକାଧାରରେ ଚିକିତ୍ସକ, ସାହିତ୍ୟିକ, କବି, ଲେଖକ, ସୁସଂଗଠକ ଭାବେ ସୁପରିଚିତ। ସେ 'ଆମ ମାତୃଭାଷା ପରିଷଦ' ସଂକ୍ରାନ୍ତି ଆସରର ପ୍ରତିଷ୍ଠାତା ସମ୍ପାଦକ ରହିବା ସହିତ ଭାରତୀୟ ଭେଷଜ ଚିକିତ୍ସକ ସଂଘ (ଆଇଏମ୍‌ଏ) ଭଦ୍ରକ ଶାଖାର ସହଯୋଗୀ ସଦସ୍ୟ ମଧ୍ୟ। ସେ ୨୨ ଖଣ୍ଡରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିବା ସହିତ ବହୁ ପତ୍ରପତ୍ରିକାରେ ତାଙ୍କର ଅନେକ ଗଳ୍ପ, କବିତା ପ୍ରକାଶ ପାଇଛି। ଜୀବନାମୃତ, ବନୌଷଧି ଓ ଟୁଟୁକା ଚିକିତ୍ସା, କଳ୍ପତରୁ ଆୟୁର୍ବେଦ, ବିସ୍ମୃତ ଆୟୁର୍ବେଦ ଚିକିତ୍ସା, ଅମ୍ଳପିତ ଓ ଆୟୁର୍ବେଦ ଚିକିତ୍ସା, ମଧୁମେହ ଓ ପ୍ରାକୃତିକ ଉପଚାର, ସ୍ତ୍ରୀ ପୁରୁଷ ରୋଗ ଓ ଆୟୁର୍ବେଦ ଚିକିତ୍ସା, ଧ୍ୟାନ,ଯୋଗ,ପ୍ରାଣାୟାମ ଓ ଆୟୁର୍ବେଦ ଚିକିତ୍ସା, କଲ୍ଲୋଳ କବିତା, ଗଳ୍ପମାଳା, ବିନ୍ଦୁଏ ସ୍ୱପ୍ନ ଆଦି ବହୁ ପୁସ୍ତକ ଡା. ଦାଶ ରଚନା କରି ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ଭଦ୍ରକର ବିଭିନ୍ନ ସେବା ସଂସ୍ଥା, ସାହିତ୍ୟ ସଂଗଠନ, ସାମାଜିକ ସଂଗଠନ, ସାଂସ୍କୃତିକ ସଂଗଠନ ସହିତ ସେ ଜଡ଼ିତ। ବାଲେଶ୍ୱର ମଣ୍ଡଳ ଚିକିତ୍ସାଧିକାରୀ ଭାବେ ସେ କାର୍ଯ୍ୟଭାର ଗ୍ରହଣ କଲାପରେ ତାଙ୍କୁ ବିଭିନ୍ନ ସଂଗଠନ ଏବଂ ଶୁଭେଚ୍ଛୁ ଶୁଭେଚ୍ଛା ଜ୍ଞାପନ କରିବା ସହିତ ତାଙ୍କର କାର୍ଯ୍ୟସଫଳତା କାମନା କରିଛନ୍ତି।

## ଉଦଳା: ୨୪୩ ବୁଥ୍‌ରେ ମତଦାନ ଶେଷ

**ଉଦଳା, ୧।୬(ସମିସ):** ରାଜ୍ୟରେ ଶେଷ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ପୋଲିଂ ବୁଥ୍‌ରୁ ମତଦାନ ସାରି କର୍ମଚାରୀ ଇଭିଏମ୍ ସମେତ ସମସ୍ତ ନିର୍ବାଚନୀ ସାମଗ୍ରୀ ଦାଖଲ ପ୍ରକ୍ରିୟା ଚାଲିଛି। ଚଳିତ ନିର୍ବାଚନର ୧୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଛି। ଏହି ଆସନରେ ୧୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉଦଳା ବ୍ଲକର ୧୨ ଗ୍ରା.ପ. ଗୋପବନ୍ଧୁନଗର ବ୍ଲକର ୧୩ ଗ୍ରା.ପ. କପ୍ତିପଦା ବ୍ଲକର ୧୭ ଗ୍ରା.ପ. ଏବଂ ଉଦଳା ଏନ.ଏ.ସି.ର ୧୨ଟି ଓାର୍ଡ ମତଦାନ ସରିଛି। ନିର୍ବାଚନ ମଣ୍ଡଳୀର ୨୪୩ ବୁଥ ମଧ୍ୟରୁ ୮୫ ବୁଥ୍ ସମ୍ବେଦନଶୀଳ ଓ ୪୩ ବୁଥ୍ ଆଦର୍ଶ ସଖୀ ବୁଥ୍ ଭାବେ ବିବେଚନା କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ୧୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଆସନ୍ତା ୪ ତାରିଖ ଉଦଳା ମହାବିଦ୍ୟାଳୟ ପରିସରରେ ଭୋଟ ଗଣନା ହେବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଶୃଙ୍ଖଳିତ ଭାବେ ସମାପନ ହୋଇଥିବା ବେଳେ କେବଳ ସନ୍ଧ୍ୟା ୫ଟା ସୁଦ୍ଧା ୬୫ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ମତଦାନ ଶନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବା ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି।

